ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.282, Bhubaneswar Tuesday, December 24, 2019 | ୨୨ତମ ବର୍ଷ ସଂଖ୍ୟା-୨୮୨ ଭୁବନେଶ୍ୱର ,ମଙ୍ଗଳବାର, ଡିସେମ୍ବର ୨୪, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଓୟୁଡବ୍ଲ୍ୟୁଜେ-ମହାଧିବେଶନରେ ଚତୁର୍ଥ ସ୍ତମ୍ଭର ସୁରକ୍ଷା ବିଲ ପାରିତ କରିବାକୁ ବିରାଟ ସମର୍ଥନ






ଭୁବନେଶ୍ୱର, ୨୩।୧୨(ପି.ଏନ): ଆଜି ଜୟଦେବ ଭବନରେ ଓୟୁଡବ୍ଲ୍ୟୁଜେ ରାଜ୍ୟ ମହାଧିବେଶନ ଏବଂ ୫ମ ପ୍ରତିଷ୍ଠା ଦିବସ ଓଡିଶା ବିଧାନସଭା ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ଆନୁସଂଗୀକଭାବେ ଉଦଘାଟନ କରିଛନ୍ତି। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ସାମ୍ବାଦିକମାନଙ୍କ ସୁରକ୍ଷା ସଂକ୍ରାନ୍ତରେ ଏକ ବିଲ୍ ଆଗତ କରାଯାଇ ବିଧାନ ସଭାରେ ଏକ ଘରୋଇ ବିଲ୍ ଭାବେ ପାରିତ କରିବାକୁ ବହୁ ସମର୍ଥନ ହାସଲ କରାଯାଇଛି। ସାମାଜିକ ଗଣମାଧ୍ୟମ- ଏକ ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ରରେ ଅତିଥିମାନେ ଏହାର ଉପାଦେୟତା ତଥା ସ୍ୱଚ୍ଛତା ଉପରେ ତର୍କ ରଖିଥିଲେ। ମୂଖ୍ୟବକ୍ତା ଶ୍ରୀ ପାତ୍ର ତାଙ୍କ ଅଭିଭାଷଣରେ ଏକ ସଂଘ ତରଫରୁ ଆଗତ କରାଯାଇଥିବା ସାମ୍ବାଦିକମାନଙ୍କ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତରେ ଏକ ଘରୋଇ ବିଲ ହିସାବରେ ଅନୁମୋଦନ ହାସଲ କଲେ ରାଜ୍ୟର ସବୁ ସାମ୍ବାଦିକମାନେ ଉପକୃତ ହୋଇପାରିବେ ବୋଲି ଆଶା ପ୍ରକଟ କରିଛନ୍ତି। ଏକା ସାଙ୍ଗରେ ବହୁ ଗଣମାଧ୍ୟମ ପ୍ରତିନିଧି ସଂବର୍ଦ୍ଧିତ ହେଉଥିବାରୁ ସଂଘର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଭାପତି ସରୋଜ ରଂଜନ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ବିଶେଷ ସୂଚନା ଦେଇଥିଲେ ଏବଂ ସାଧାରଣ ସଂପାଦକ ରଜନୀକାନ୍ତ ସାମନ୍ତରାୟ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନା କରି ସଂଘ, ସାମ୍ବାଦିକ ସମୁଦାୟମାନଙ୍କପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ, ସକ୍ଷମ, ସଶକ୍ତ ତଥା ସମ୍ମାନ ପାଇଁ ସଂକଳ୍ପବଦ୍ଧ ବୋଲି ଆହ୍ୱାନ ଜଣାଇଥିଲେ। ସଂଘର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ରାଷ୍ଟ୍ରୀୟ ସ୍ତରରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାକୁ ବିଶ୍ଳେଷଣ କରି ସଂଘର ଏକତା ବଜାୟ ରଖିବାକୁ ନିବେଦନ କରିଥିବା ବେଳେ ଉପଦେଷ୍ଟା ଡଃ ପବିତ୍ର ମୋହନ ସାମନ୍ତରାୟ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶାସନିକ ସହଯୋଗ ଲୋଡିଥିଲେ। ବିଭିନ୍ନ ସମସ୍ୟା ଘେରରେ ଥାଇ ମଧ୍ୟ ସମ୍ବାଦପତ୍ର ଏବ ସାମ୍ବାଦିକ ମାନଙ୍କଯୋଗୁ ଦେଶରେ ଲୋକତନ୍ତ୍ର ବଳିଷ୍ଠ ଅଛି ବୋଲି ପ୍ରକାଶ କରି ସାମ୍ବାଦିମାନଙ୍କୁ ସୁରକ୍ଷା ଦିଆଯିବା ଆବଶ୍ୟକ ଜରୁରୀ ବୋଲି ମତ ରଖିଥିଲେ ସମ୍ମାନୀତ ବକ୍ତା ଡଃ ଲେନିନ ମହାନ୍ତି, ଡଃ ପ୍ରଭାସ ଆଚାର୍ଯ୍ୟ ଏବଂ ପ୍ରଫେସର ବସନ୍ତ କୁମାର ସାହୁ ।ସଂଘର ମୁଖପତ୍ର ବାର୍ତ୍ତାଜୀବୀର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରି ଚତୁର୍ଥ ସ୍ତମ୍ଭର ସୁରକ୍ଷାପାଇଁ ଉଦ୍ୟମ କରାଯିବ ବୋଲି ମତ ରଖିଥିଲେ । ଏହି ଅବସରରେ ଭୁବନେଶ୍ୱରର ୨୫ ଜଣ ସାମ୍ବାଦିକମାନଙ୍କୁ ଜାନକୀବଲ୍ଲଭ ସ୍ମୃତି ସାମ୍ବାଦିକ ସମ୍ମାନରେ ଏବଂ ୧୦ ଜଣଙ୍କୁ ବିଜୁ ପଟ୍ଟନାୟକ ସ୍ମୃତି ଦକ୍ଷତା ସମ୍ମାନରେ ସଂବର୍ଦ୍ଧିତ କରାଯାଇଅଛି ।ପ୍ରତିଷ୍ଠାତା ସଭ୍ୟ ଭାଗବତ ତ୍ରିପାଠୀ ଏବଂ ସଂଜୟଦାସଙ୍କୁ ମଧ୍ୟ ତାଙ୍କର ବହୁମୂଲ୍ୟ ସହ ଯୋଗ ପାଇଁ ସଂବର୍ଦ୍ଧନା ଦିଆ ଗଲା। କୋଷାଧ୍ୟକ୍ଷ ନିତ୍ୟ ନିରଂଜନ ପଣ୍ଡା, ସଭାପତି ଅମୂଲ୍ୟ କୁମାର ମହାନ୍ତି, ଯୁଗ୍ମ ସଂପାଦକ ରଜନୀକାନ୍ତ ମିଶ୍ର,ଅଧିର ନନ୍ଦ, ରାଧାରମଣ ଗୋସ୍ୱାମୀ ,ବୀଣାପାଣୀ ଜୟସିଂ, ଜିତେନ୍ଦ୍ର କୁମାର ପଣ୍ଡା ସଂବର୍ଦ୍ଧନା ପର୍ବ ପରିଚାଳନା କରିଥିଲା ବେଳେ ଉଦଘୋଷିକା ଡଃ ସରୋଜିନୀ ପାଣି ଏବଂ ମହେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ବୋଲି ସଂଘର ସଭାପତି ସରୋଜରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ହାଇକୋର୍ଟରେ ହାଜର ହେଲେ ଏଏସଆଇ ମହାନିର୍ଦ୍ଦେଶକ

ଭୁବନେଶ୍ୱର, ୨୩।୧୨(ପି.ଏନ): କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଶ୍ରୀମନ୍ଦିର ଜଗମୋହନ ମରାମତି ମାମଲାରେ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ (ଏଏସଆଇ) ମହାନିର୍ଦ୍ଦେଶକ ସୋମବାର ହାଇକୋର୍ଟରେ ହାଜର ହୋଇଛନ୍ତି। କୋର୍ଟ ଏଏସଆଇକୁ ୪ ମାସ ମଧ୍ୟରେ ନାଟ ମଣ୍ଡପ ମରାମତି ଶେଷ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୂର୍ଯ୍ୟ ମନ୍ଦିର ମରାମତି ନେଇ ବିସ୍ତୃତ ଯୋଜନା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ ମାସ ୪ ତାରିଖରେ ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ ହୋଇଛି।

## ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିଲେ ପଂଜାବ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୩।୧୨(ପି.ଏନ): ପୁରୀ ସ୍ଥିତ ମଙ୍ଗୁ ମଠ ଓ ପଂଜାବୀ ମଠ ଭଙ୍ଗା ଘଟଣାରେ ଓଡିଶା ଆସିଥିବା ପଂଜାବର ୨ ଜଣ ବିଧାୟକଙ୍କ ସମେତ ୭ ଜଣିଆ ପ୍ରତିନିଧି ଦଳ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଭେଟିଥିଲେ। ମଙ୍ଗୁ ମଠ ଓ ପଂଜାବୀ ମଠ ସମେତ ବଲି ମଠର ପୁନରୁଦ୍ଧାର କରିବାପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଏହି ପ୍ରତିନିଧି ଦଳ ସନ୍ତୋଷ ପ୍ରକାଶ କରିବା ସହ ମଠ ଭଙ୍ଗାନେଇ ସେମାନଙ୍କ ମଧ୍ୟରେ ଭୁଲ ବୁଝାମଣା ଥିଲା ବୋଲି କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ଯୋଜନାର ସେମାନେ ପ୍ରଶଂସା କରିଥିଲେ। ମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଛି। ଓଡିଆ ମାନଙ୍କ ସହ ଥିବା ରକ୍ତମାଂସର ସମ୍ପର୍କ ସୁଦୃଢ ହୋଇଛି। ପଂଜାବରେ ଓଡିଆ ସହ ଭାଇଚାରା ଭାବ ରହିଛିବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ମଠ ଭଙ୍ଗାକୁ ବିରୋଧ କରି ପଂଜାବରୁ ଆସିଥିବା ପ୍ରତିନିଧି ଦଳ ଭୁବନେଶ୍ୱର ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆଲୋଚନା କାଳରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର , ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଣବ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଗରିବ ଚାଷୀଙ୍କ ଋଣ ବାବଦ ସବ୍‌ସିଡି ଅର୍ଥ ବାଟମାରଣ ଅଭିଯୋଗ

ଭଦ୍ରକ,୨୩।୧୨(ପି.ଏନ): ଧାମନଗର ବ୍ଲକସ୍ଥିତ ଶ୍ରୀ ଜଗନ୍ନାଥ ସମବାୟ ସମିତିରୁ କୃଷି ଓ ଗୋପାଳନ ଋଣ ଆଣିଥିବା ଦୁଇଜଣ ଚାଷୀ ସେମାନେ ଶସ୍ୟ ବୀମା ବାବଦ ପାଇବାକୁ ଥିବା ରିହାତି ଅର୍ଥକୁ ସଂପାଦକ ହେରଫେର କରିଥିବା ନେଇ ଆଜି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଛନ୍ତି। ଧାମନଗର ବ୍ଲକ୍ ଅଧୀନସ୍ଥ ପଳିକିରି ଗ୍ରାମନିବାସୀ ରତ୍ନାକର ନାୟକ ନାମକ ଚାଷୀ ନିଜ ଅଭିଯୋଗ ପତ୍ରରେ ଦର୍ଶାଇଥିବା ତଥ୍ୟ ମୂଳେ ସେ ୨୦୧୫ ମସିହାରେ କୃଷି ଋଣ ଆଣିଥିଲେ। ଏବଂ ସେତେବେଳେ ଶସ୍ୟ ବୀମା ଦେବାର ବ୍ୟବସ୍ଥା ରହିଥିଲା। ମାତ୍ର ସଂପାଦକ ମହୋଦୟ ତାଙ୍କୁ ରିହାତି ବାବଦ ବୀମାରାଶି ୨୦ ହଜାର ଟଙ୍କା ନଦେଇ ନେଇଥିବା ପୁରୁଣା ବହିଟିକୁ ରଖିଛନ୍ତି। ସେ ଜଣେ ଶାରୀରିକ ଅକ୍ଷମ ବ୍ୟକ୍ତି ହୋଇଥିବାରୁ ବହୁବାର ଯାଇ ଅସଫଳ ହେବାରୁ ଆଜି ବାଧ୍ୟହୋଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦ୍ୱାରସ୍ଥ ହୋଇ ତାଙ୍କର ଟଙ୍କାକୁ ପାଇବା ଦିଗରେ ଅନୁରୋଧ କରିବା ସହ ହେରଫେର କରିଥିବା ସଂପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନୁରୂପ ଭାବେ ସେହି ଶ୍ରୀ ଜଗନ୍ନାଥ ସମବାୟ ସମିତିରୁ ଅନହରପୁର ଗ୍ରାମନିବାସୀ ରାମଚନ୍ଦ୍ର ସେଠୀ ନାମକ ଜଣେ ଚାଷୀ କରିଥିବା ଅଭିଯୋଗ ମୂଳେ ସେ ନିଜ ପୁତ୍ର ଗଣେଶ ନାମରେ ଗୋପାଳନ ନିମନ୍ତେ ଋଣ କରିଥିଲେ। ତାଙ୍କ ପୁତ୍ର ଅବିବାହିତ ଥାଇ ସେ ଜଣେ ଦିନ ମଜୁରିଆ ତଥା ହରିଜନ ଶ୍ରେଣୀର ଚାଷୀ ଅଟନ୍ତି। ନିଜର ଆର୍ଥିକ ଅବସ୍ଥାର ସୁଧାର ନିମନ୍ତେ ସରକାରଙ୍କ ଜନହିତକର ଯୋଜନାରେ ଗୋପାଳନ ପାଇଁ ଉକ୍ତ ସମବାୟ ସମିତିରୁ ୨୦୧୫ ମସିହାରେ ୧ ଲକ୍ଷ ୮୦ ହଜାର ଟଙ୍କାର ଋଣ ନେଇଥିଲେ। ଏବଂ ଉକ୍ତ ଅର୍ଥକୁ ସଠିକ୍ ଭାବେ ବିନିଯୋଗ କରି ଉପାର୍ଜିତ ଅର୍ଥରେ ଋଣକିସ୍ତି ସହିତ ପରିବାର ପ୍ରତିପୋଷଣ କରିଆସୁଥିଲେ। ମାତ୍ର ଋଣ ଗ୍ରହଣର ବର୍ଷକ ମଧ୍ୟରେ ମୋ ଭଳି ଜଣେ ହରିଜନ ଶ୍ରେଣୀର ବର୍ଗଙ୍କ ପାଇଁ ଋଣଖାତାକୁ ସବ୍‌ସିଡି ବାବଦ ୩୩ ପ୍ରତିଶତ ହିସାବରେ ଆସିବାକୁ ଥିବା ଅର୍ଥ ୬୬ ହଜାର ଟଙ୍କା ଋଣର ଅବଧି ୫ ବର୍ଷ ମଧ୍ୟରେ ବି ପାଇପାରିନାହାଁନ୍ତି। ଏ ସଂପର୍କରେ ସେ ବାରମ୍ବାର ସମିତିର ସଂପାଦକଙ୍କୁ ଅବଗତ କରାଇବା ସହ ସମସ୍ତ ବିଭାଗୀୟ ତଥା ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ବି ସୁଫଳ ପାଇପାରିନାହାଁନ୍ତି। ଏଣୁ ସେ ବାଧ୍ୟହୋଇ ଆଜି ସଂପାଦକ ତାଙ୍କ ପ୍ରତି କରିଥିବା ଅବହେଳା ବିରୁଦ୍ଧରେ ଆଜି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଛନ୍ତି। ସେହିଭଳି ଅନହରପୁରର ଚକ୍ରଧର ରାଉତଙ୍କ ପତ୍ନୀ ପ୍ରଭାତି ଦିନ ମଜୁରିଆ ଚାଷୀ ଶ୍ରେଣୀର ଥିବାରୁ ଆର୍ଥିକ ଦୂରାବସ୍ଥାର ନିରାକରଣ ନିମନ୍ତେ ଗୋପାଳନ ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରେ ଜଗନ୍ନାଥ ସେବା ସମବାୟ ସମିତିରୁ ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ଆଣି କିସ୍ତି ପରିଶୋଧ କରିଆସୁଥିବାବେଳେ ବର୍ଷକ ମଧ୍ୟରେ ଋଣଖାତାକୁ ସାଧାରଣ ବର୍ଗଙ୍କ ପାଇଁ ଆସିବାକୁ ଥିବା ୨୫ ପ୍ରତିଶତ ହିସାବରେ ୫୦ ହଜାର ସବ୍‌ସିଡି ଅର୍ଥକୁ ପାଞ୍ଚ ବର୍ଷ ଭିତରେ ସଂପାଦକ ନଦେଇ ବାଟମାରଣା କରିଛନ୍ତି। ଫଳରେ ସେ ମଧ୍ୟ ଉକ୍ତ ଅର୍ଥ ପାଇବା ସହ ସଂପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଣୁ ଏ ଦିଗରେ ଜିଲା ପ୍ରଶାସନର ତୁରନ୍ତ ଦୃଷ୍ଟି ଦେଇ ଗରିବ ଚାଷୀଙ୍କ ସବସିଡି ଅର୍ଥକୁ ବାଟମାରଣ କରିଥିବା ସଂପାଦକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତିନି ଚାଷୀ ନିବେଦନ କରିଛନ୍ତି।

## ବ୍ୟାପକ ହେବ ପାଠାଗାର ଆନ୍ଦୋଳନ : ଓଡ଼ିଶାରେ ଗଠନ ହେବ ସାର୍ବଜନୀନ ପାଠାଗାର ପରିଷଦ

ଭୁବନେଶ୍ୱର, ୨୩।୧୨(ପି.ଏନ): ପାଠାଗାର ଆନ୍ଦୋଳନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଖୁବ୍ ଶୀଘ୍ର ଓଡ଼ିଶା ସାର୍ବଜନୀନ ପାଠାଗାର ପରିଷଦ ଗଠନ କରାଯିବ । ଏଥିରେ ଜଣେ ଅଧ୍ୟକ୍ଷ ଓ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରିବା ଭଳି ସଦସ୍ୟମାନେ ରହିବେ। ଏହି ପରିଷଦ ସାରା ରାଜ୍ୟରେ ରହିଥିବା ସର୍ବସାଧାରଣ ପାଠାଗାରଗୁଡ଼ିକର ଉନ୍ନତିକରଣ, ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ସହିତ ସେବାଯୋଗାଣକୁ ସଂପ୍ରସାରିତ କରିବା ପାଇଁ ପରାମର୍ଶ ଦେବ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ସୋମବାର ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍ (ଓସା) ସଂଗଠନର ପ୍ରତିନିଧିମଣ୍ଡଳୀଙ୍କ ସହିତ ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଉପରୋକ୍ତ ମର୍ମରେ ଓଡ଼ିଶା ସାର୍ବଜନୀନ ପାଠାଗାର ପରିଷଦ ଗଠନ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପ୍ରତି ଜିଲ୍ଲାରେ ରହିଥିବା ସର୍ବସାଧାରଣ ପାଠାଗାରଗୁଡ଼ିକର ଉନ୍ନତିକରଣ ସାଙ୍ଗକୁ ସେବାର ମାନବୃଦ୍ଧି ନିମନ୍ତେ ଜିଲ୍ଲାସ୍ତରୀୟ ପାଠାଗାର କମିଟିମାନ ଆରମ୍ଭ କରାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ୧୭ଟି ଜିଲ୍ଲାରେ ସଂସ୍କୃତି ବିଭାଗର ପାଠାଗାର ରହିଥିବାବେଳେ ଆଉ ୧୩ଟି ଜିଲ୍ଲାରେ ପାଠାଗାର ପ୍ରତିଷ୍ଠା ହେବ । ଜିଲ୍ଲାରେ ରହିଥିବା ସବୁ ସର୍ବସାଧାରଣ ପାଠାଗାରଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ସାଙ୍ଗକୁ ପାଠାଗାରଗୁଡ଼ିକର ଅଭିବୃଦ୍ଧି ନିମନ୍ତେ ଜିଲ୍ଲାସ୍ତରୀୟ କମିଟିଗୁଡ଼ିକ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ । ସର୍ବସାଧାରଣ ପାଠାଗାର ଯୋଜନାକୁ ୫ 'ଟି' କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏଥିରେ ସ୍ୱଚ୍ଛତା ସହିତ ବିଭିନ୍ନ ପରିଚାଳନା ବ୍ୟବସ୍ଥାରେ ଅଂଶୀଦାରମାନଙ୍କ ପ୍ରତ୍ୟକ୍ଷ ସଂପୃକ୍ତିକୁ ନିଶ୍ଚିତ କରାଯାଇଛି । ଖୁବ୍ ଶୀଘ୍ର 'ଓଡ଼ିଶା ପବ୍ଲିକ୍ ଲାଇବ୍ରେରୀ ଫଣ୍ଡ' (ଓଡ଼ିଶା ସର୍ବସାଧାରଣ ପାଠାଗାର ପାଣ୍ଠି) ସୃଷ୍ଟି କରାଯିବ ବୋଲି ମନ୍ତ୍ରୀ 'ଓସା' ପ୍ରତିନିଧି ମଣ୍ଡଳୀଙ୍କୁ ଆଲୋଚନାବେଳେ କହିଛନ୍ତି । ଏହି ପାଣ୍ଠି ସୃଷ୍ଟି ହେବା ପରେ ପାଠାଗାରଗୁଡ଼ିକର ଭିତିଭୂମି ବିକାଶ ତଥା ପୁସ୍ତକ କ୍ରୟ ଇତ୍ୟାଦି ପାଇଁ ବିଭିନ୍ନ ସୂତ୍ରରୁ ସହାୟତା ବା ଅନୁଦାନ ସଂଗ୍ରହ କରାଯାଇପାରିବ ।ମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ 'ଓସା'ର ସଭାପତି କୁକୁ ଦାସଙ୍କ ସମେତ ଅନ୍ୟ କର୍ମକର୍ତା ତଥା ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ଜାନୁଆରୀରେ ୫-ଟିରେ ସାମିଲ ହେବ ଶ୍ରମ ବିଭାଗ

ଭୁବନେଶ୍ୱର, ୨୩।୧୨(ପି.ଏନ): ଆସନ୍ତା ଜାନୁଆରୀ ମାସରେ ରାଜ୍ୟ ଶ୍ରମ ବିଭାଗ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମରେ ସାମିଲ ହେବ। ସୋମବାର ଶ୍ରମ ଅଧିକାରୀମାନଙ୍କ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଓ 'ମୋ ସରକାର' ସଚେତନତା କର୍ମଶାଳା ଉଦଘାଟିତ ହୋଇଯାଇଛି । ଶ୍ରମ କର୍ମଚାରୀ ରାଜ୍ୟବୀମା ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ ମୁଖ୍ୟ ଅତିଥି ଭାବେ କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହ କହିଲେ ଯେ ବିଭାଗକୁ ଅଧିକ କ୍ରିୟାଶୀଳ କରାଯିବାର ଆବଶ୍ୟକତା ରହିଛି । ଏଥି ସହିତ ଜନସାଧାରଣମାନଙ୍କୁ ଯେପରି ଉତମ ସେବା ଯୋଗାଇ ଦିଆଯିବ, ସେ ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥିଭାବେ ରାଜ୍ୟ ନିର୍ମାଣ ଶ୍ରମିକକଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ସୁବାସ ସିଂହ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଅଧିକ ସ୍ୱଚ୍ଛତା ଆଣିବା ସହ ହିତାଧିକାରୀମାନଙ୍କୁ ଉତମ ବ୍ୟବହାର କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଦାଦନ ରୋକିବା ପାଇଁ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଉଛି। ଏସମ୍ପର୍କରେ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ ପ୍ରକାଶ କରିଛନ୍ତି। ବଲାଙ୍ଗୀର , ନୂଆପଡା ଓ କଳାହାଣ୍ଡି ଜିଲ୍ଲା ହେଉଛି ଦାଦନ ପ୍ରବଣ। ଉକ୍ତ ଜିଲ୍ଲା ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ। ଓଡିଶାର ଶ୍ରମିକ ମାନଙ୍କ ପାଇଁ ୫ ଟି ସ୍ଥାନ ଯଥା : ଦିଲ୍ଲୀ , ଆନ୍ଧ୍ରପ୍ରଦେଶ , ତେଲେଙ୍ଗାନା , ତାମିଲନାଡୁ ଓ କର୍ଣ୍ଣାଟକରେ ହେଲପ୍ ଡେସ୍କ ଖୋଲାଯାଇଛି। ଶ୍ରମିକ ମାନଙ୍କ ପିଲାମାନେ ରହିବା ପାଇଁ ହଷ୍ଟେଲ ଖୋଲାଯାଉଛି ବୋଲି ସେ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏହି ସମୀକ୍ଷା ବୈଠକରେ ୫ 'ଟି' ଚିନ୍ତାଧାରାରେ ସମସ୍ତ ଅଧିକାରୀ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ଶ୍ରମ କମିଶନର ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ଯୁଗ୍ମ ଶାସନ ସଚିବ ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଆର୍ଥିକ ବର୍ଷର ସଫଳତା ସମ୍ବନ୍ଧୀୟ ବାର୍ଷିକ ବିବରଣୀ ୨୦୧୮-୧୯ ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶ୍ରମ ଅଧିକାରୀମାନେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟକ୍ରମ ସଂପର୍କରେ ମତବିନିବୟ କରିଥିଲେ ଏବଂ ଶେଷରେ ଯୁଗ୍ମ ଶାସନ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତାକାଲି ଗୋପାଳପୁର ବିଚ୍ ଫେଷ୍ଟିଭାଲ୍ ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ

ଗଞ୍ଜାମ, ୨୩।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତାକାଲି ଗଞ୍ଜାମ ଗସ୍ତରେ ଆସି ଗୋପାଳପୁର ବିଚ୍ ଫେଷ୍ଟିଭାଲ୍ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ଆସି ଗୋପାଳପୁର ବେଳାଭୂମିରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍ ରେ ଅପରାହ୍ନ ୩ଟା ୫୫ ମିନିଟ୍ ସମୟରେ ଅବତରଣ କରିବେ । ସେଠାରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକୁ ସଭା ସ୍ଥଳକୁ ପାଛୋଟି ନିଆଯିବ । ୪ଟା ୫ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳରେ ପହଂଚି ବିଚ୍ ଫେଷ୍ଟିଭାଲ୍ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଉପସ୍ଥିତ ଜନସମୁହକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ନ ୪ଟା ୩୦ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ସେଠାରୁ ଫେରିବାର କାର୍ଯ୍ୟକ୍ରମ ରହିଛି ।

## ଓଡ଼ିଶା ଉପକୂଳରୁ କ୍ୟୁଆରସାମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର/ଭୁବନେଶ୍ୱର, ୨୩।୧୨(ପି.ଏନ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ମିନିଟ ସମୟରେ ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ ହୋଇପାରୁଥିବା ତ୍ୱରିତ ପ୍ରତିକ୍ରିୟାଶୀଳ କ୍ଷେପଣାସ୍ତ୍ର (କ୍ୟୁଆରସାମ)ର ସଫଳ ପରୀକ୍ଷଣ ସମ୍ପନ୍ନ ହୋଇଛି। ସମ୍ପୂର୍ଣ୍ଣ ଭାବେ ନିୟୋଜନ ସ୍ଥିତିରେ ଏହି କ୍ଷେପଣାସ୍ତ୍ର ପରୀକ୍ଷା ହୋଇଥିଲା, ଯାହା ମଝି ଆକାଶରେ ଥିବା ଲକ୍ଷ୍ୟକୁ ନିଷ୍କ୍ରିୟ କରିବା ସହ ଅଭିଯାନର ଉଦ୍ଦେଶ୍ୟ ପୂରଣ କରିଥିଲା। ଗ୍ରାଉଣ୍ଡ ଟେଲିମେଟ୍ରି ସିଷ୍ଟମ୍ସ, ରେଞ୍ଜ ରାଡାର ସିଷ୍ଟମ୍ସ, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ ଆଦି ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରାଯାଇଥିଲା। କ୍ୟୁଆରସାମ କ୍ଷେପଣାସ୍ତ୍ରରେ ସମ୍ପୂର୍ଣ୍ଣ ସ୍ୱୟଂକ୍ରିୟ କମାଣ୍ଡ ଓ କଂଟ୍ରୋଲ ବ୍ୟବସ୍ଥା, ଆକ୍ଟିଭ ଆରେ ବ୍ୟାଟେରୀ ସର୍ଭେଲାନ୍ସ ରାଡାର, ଆକ୍ଟିଭ ଆରେ ବ୍ୟାଟେରୀ ମଲ୍ଟିଫଙ୍କସନ ରାଡାର ଓ ଲଂଚର ସଂଯୋଗ ହୋଇଛି। ଉଭୟ ରାଡାରରେ ୪ଟି ଆସ୍ତରଣ ସହ ୩୬୦ ଡିଗ୍ରୀ କଭରେଜ ସିଷ୍ଟମ ରହିଛି, ଏହା ଗତି କରିବା ସମୟରେ ଲକ୍ଷ୍ୟକୁ ସନ୍ଧାନ ଓ ଠାବ କରିପାରିବ। ଏହି କ୍ଷେପଣାସ୍ତ୍ର ନିକ୍ଷେପ ଲାଗି ସର୍ବନିମ୍ନ ସଂଖ୍ୟକ ବାହନର ଆବଶ୍ୟକତା ରହିଛି। ଏହି କ୍ଷେପଣାସ୍ତ୍ର ଆକାଶମାର୍ଗରେ ଥିବା ଲକ୍ଷ୍ୟକୁ ସଫଳତା ପୂର୍ବକ ଭେଦ କରିବା ଦ୍ୱାରା ନିଜର ସାମର୍ଥ୍ୟ ପ୍ରତିଷ୍ଠା କରିପାରିଛି। ଏହି ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ର ଓ ରଣନୈତିକ ସିଷ୍ଟମ୍ସର ମହାନିର୍ଦ୍ଦେଶକ ଶ୍ରୀ ଏମଏସଆର ପ୍ରସାଦ ଉପସ୍ଥିତ ଥିଲେ। ଏହି ଅଭିଯାନ ସହିତ କ୍ୟୁଆରସାମ କ୍ଷେପଣାସ୍ତ୍ରର ବିକାଶମୂଳକ ପରୀକ୍ଷଣ ସଫଳତା ପୂର୍ବକ ଶେଷ ହୋଇଛି । ଏହା ୨୦୨୧ ସୁଦ୍ଧା ଭାରତୀୟ ସେନାରେ ସାମିଲ ହେବ ବୋଲି ଆଶା କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ଜି. ସତୀଶ ରେଡ୍ଡୀ ଏହି ପରୀକ୍ଷଣ ପାଇଁ କ୍ୟୁଆରସାମ ଟିମକୁ ଅଭିନନ୍ଦନ ଜଣାଇଛନ୍ତି।

## ପାରଳାଖେମୁଣ୍ଡି ସରକାରୀ ହସ୍ପିଟାଲ ; ଆବଶ୍ୟକ ଡାକ୍ତର ଓ ସହାୟକ ଅଭାବ

ପାରଳାଖେମୁଣ୍ଡି, ୨୨୩।୧୨ (ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ସରକାରୀ ହସ୍ପିଟାଲରେ ସାଧାରଣ ଚିକିତ୍ସା ସକାଶେ ଆବଶ୍ୟକ ଡ଼ାକ୍ତର ଓ ସହାୟକଙ୍କ ଅଭାବରୁ ରୋଗୀ ଉତମ ଚିକିତ୍ସା ସେବା ପାଇବାରୁ ବଂଚିତ ହେଉଛନ୍ତି । ଫଳରେ ଅନ୍ୟ ଉପାୟ ନପାଇ ରୋଗୀ ଖର୍ଚ୍ଚାନ୍ତ ହୋଇ ଘରୋଇ ମେଡ଼ିକାଲ କିମ୍ବା ଅନ୍ୟତ୍ର ଯିବାକୁ ବାଧ ହୋଇଥାନ୍ତି । ଡ଼ାକ୍ତରଖାନାରେ (ଇଏନଟି) କର୍ଣ୍ଣ-ନାଶା-ଗଳା ବିଶେଷଜ୍ଞ ଡ଼ାକ୍ତର ରହିଥିବା ବେଳେ କାନ ପରୀକ୍ଷା ସକାଶେ ବୈଷୟିକ କର୍ମଚାରୀ ନାହାଁନ୍ତି । ଏହି ପରୀକ୍ଷା କରାଇବା ପାଇଁ ବ୍ରହ୍ମପୁର କିମ୍ବା ଆନ୍ଧ୍ରପ୍ରଦେଶର ସିକ୍କାକୁଲମକୁ ଯିବାକୁ ପଡୁଛି । ଫଳରେ ରୋଗୀ ମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ରୋଗୀଙ୍କୁ ବ୍ରହ୍ମପୁର ପଠାଇବାର ଦାୟୀତ୍ୱ ଚିକିତ୍ସାଳୟ ପକ୍ଷରୁ କରାଗଲେ ଭଲ ହୁଅନ୍ତା ବୋଲି କେତେକ ମତ ପ୍ରକାଶ କରିଛନ୍ତି । ଏହା ବ୍ୟତିତ ଅସ୍ତ୍ରୋପଚାର ସକାଶେ ଆନାସ୍ଥେସିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହି ବିଭାଗରେ ଡ଼ାକ୍ତର ନାହାଁନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଗୁରୁତ୍ୱ ଦେଉନଥିବା କାରଣରୁ ରୋଗୀ ମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଏହି ଉପାନ୍ତ ଜିଲ୍ଲାରେ ବସବାସ କରୁଥିବା ଜନସାଧାରଣ ଆବଶ୍ୟକ ଜରୁରୀ ଚିକିତ୍ସା ସେବାରୁ ବଂଚିତ ହେବା ଦୁର୍ଭାଗ୍ୟଜନକ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଠାରେ ଗ୍ରୁପ୍ 'ଏ' ପଦବୀରେ ୫୯ ଜଣ ନିଯୁକ୍ତିର ବ୍ୟବସ୍ଥା ରହିଥିବା ବେଳେ ୩୭ଟି ପଦବୀ ଖାଲି ପଡିଛି । ସେହିପରି ଗ୍ରୁପ୍ 'ବି' ରେ ୨୧ ପଦବୀରୁ ୧୦ଟି ଖାଲି ପଡିଛି । ଗ୍ରୁପ୍ 'ସି' ରେ ୨୫ରୁ ୮ଟି ପଦବୀ ଖାଲି ପଡିଛି । ଏବଂ ଗ୍ରୁପ୍ 'ଡି' ରେ ୩୨ ରୁ ୧୩ ପଦବୀ ପୂରଣ ହୋଇପାରିନାହିଁ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତଥା ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ଜଗନ୍ନାଥ ଜମି ଓ ଡମ୍ପିଂୟାର୍ଡ ସ୍ଥାନାନ୍ତରଣ ପାଇଁ ସରକାରଙ୍କୁ ସୁରଙ୍କ ୩୫ ଦିନର ମହଲତ

ଭୁବନେଶ୍ୱର, ୨୩।୧୨(ପି.ଏନ): ଜଟଣୀ ଅଂଳରେ ୨୭ଟି ଗ୍ରାମର ସ୍ଥିତିବାନ ସଂପତିକୁ ରାଜ୍ୟ ସରକାର ପୂର୍ବ ସ୍ଥିତିକୁ ଫେରାଇବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଦାରୁଠେଙ୍ଗ ଡମ୍ପିଂୟାର୍ଡ ସ୍ଥାନାନ୍ତର ନେଇ ମଧ୍ୟ ସରକାର କିଛି କରୁ ନାହାନ୍ତି ବୋଲି ବରିଷ୍ଠ କଂଗ୍ରେସ ବିଧାୟକ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ୩୫ ଦିନର ମହଲତ ଦେଇଛନ୍ତି । ୩୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ ପ୍ରଭାବିତ ୨୭ ଟି ଗ୍ରାମର ଲୋକେ ଆସନ୍ତା ଜାନୁଆରୀ ୨୭ ତାରିଖରେ ନବୀନ ନିବାସ ଘେରାଉ ସହିତ ୧୦୦ ଜଣ ଆତ୍ମାହୁତି ଦେବେ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ସୋମବାର କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ କହିଥିଲେ ଯେ ୨୦୧୨ମସିହାରେ ହଠାତ ଜଗନ୍ନାଥ ଜମି କହି ଜନସାଧାରଣଙ୍କୁ ସରକାରୀ ଯୋଜନା ଯଥା: ସ୍କୁଲ ଘର, ଡାକ୍ତରଖାନା, ଅଙ୍ଗନବାଡ଼ି, ଆରଆଇ ଅଫିସ, ରାସ୍ତା, ପୋଖରୀ, ଇନ୍ଦିରା ଆବାସ, ବିଜୁପକ୍କାଘର ଏପରିକି ବାତ୍ୟା ସହଯୋଗରୁ ମଧ୍ୟ ବଂଚିତ କରାଯାଇଛି।୧୫ହଜାର ଏକର ଜମି ହଡପ କରାଯାଇଛି। ଏହାଦ୍ୱାରା ଦେଡ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଉକ୍ତ ଜମିକୁ ବିକ୍ରୟ କିମ୍ବା ବନ୍ଧକ ସୂତ୍ରରେ ବ୍ୟବହାର କରି, ସୁଧଘର, ଝିଅ ବାହାଘର, ଉଚ୍ଚ ଶିକ୍ଷା, ନୂତନ ଗୃହ ନିର୍ମାଣରୁ ବଂଚିତ ହୋଇ ବହୁ ଅସୁବିଧାରେ କାଳତିପାତ କରୁଛନ୍ତି। ଜନସାଧାରଣଙ୍କ ଅସୁବିଧାକୁ ବିଚାରକୁ ନେଇ ମାନ୍ୟବର ହାଇକୋର୍ଟ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶ ଶିଥିଳ ଗତିରେ ଚାଲିଛି। ଭୁବନେଶ୍ୱରରୁ ସମସ୍ତ ଅଳିଆ ଆବର୍ଜନାକୁ ଦାରୁଠେଙ୍ଗ ଠାରେ ଡମ୍ପିଂୟାଡ଼ରେ ପକାଇବା ଦ୍ୱାରା ଦାରୁଠେଙ୍ଗ, ଯୁଯୋଗଡ଼ ଅଂଚଳବାସୀ ବାୟୁପ୍ରଦୁଷଣ, ଜଳପ୍ରଦୁଷଣ ଦ୍ୱାରା ଚର୍ମରୋଗ, ଶ୍ୱାସରୋଗ, ଅଜଣା ଜ୍ୱରରେ ବହୁଲୋକ ଆକ୍ରାନ୍ତ ହେଉଛନ୍ତି। ଉକ୍ତ ପ୍ରଦୁଷଣ ଦ୍ୱାରା ନନ୍ଦନ କାନନ, ଚନ୍ଦକା ଅଭୟାରଣ୍ୟରେ ଥିବା ହାତୀ, ବାଘ, ସିଂହ, ହରିଣ, ମୟୁରପକ୍ଷୀ ଇତ୍ୟାଦି ବହୁ ପଶୁପକ୍ଷୀ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ସରକାରଙ୍କ ଜ୍ଞାତସାରରେ ଘଟିଛି। ଜଟଣୀ ନିର୍ବାଚନ ମଣ୍ଡଳୀର ଉକ୍ତ ଦୁଇଗୋଟି ସମସ୍ୟାର ଦାବୀ ଯଥା ଜଟଣୀ ଅଂଚଳର ସ୍ଥିତିବାନ ଜମିକୁ ସ୍ଥିତିବାନ ସ୍ଥିତିକୁ ଫେରାଇ ଆଣିବା ଏବଂ ଦାରୁଠେଙ୍ଗ ଠାରେ ଥିବା ଡମ୍ପିଂୟାର୍ଡ଼କୁ ସ୍ଥାନାନ୍ତର କରି ଅଂଚଳବାସୀଙ୍କ ଦାବୀ ୩୫ ଦିନ ମଧ୍ୟରେ ସମାଧାନ ନକଲେ ଉକ୍ତ ଅଂଚଳବାସୀ ୨୭ତାରିଖ ସୋମବାର ଦିବା ୧୧ ଘଟିକା ସମୟରେ ନବୀନ ନିବାସ ଘେରାଉ ସହିତ ୧୦୦ ଜଣ ଆତ୍ମାହୁତି ଦେବେ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ରବିନ୍ଦ୍ର ହରିଚନ୍ଦନ, ସଂଗ୍ରାମ କେଶରୀ ରାଉତରାୟ, ତପନ ଚକ୍ରବର୍ତ୍ତୀ, ଗୋକୁଳି ସାମନ୍ତରାୟ, ନଗେନ ସିଂ, ତପନ ଶ୍ରୀଚନ୍ଦନ, ସୁନିଲ ରାଉତରାୟ, ଗଗନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ

ଧର୍ମଶାଳା: ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏହି ଶିବିରକୁ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ବିରଜା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଖିଳ ରଂଜନ ପାଢୀ, ସମ୍ମାନୀତ ଅତିଥି ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସୁସାହିତ୍ୟିକ ମହେଶ୍ୱର ପାଢୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସଭାପତି ତଥା ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିପିନ ବିହାରୀ ଦେଓଙ୍କ ସମେତ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁ, ବ୍ରହ୍ମବରଦା ସରପଂଚ ବିଜୟ ଦାସ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସ, ସମିତି ସଭ୍ୟ ଅଟଳ ଦାସ ପ୍ରମୁଖ ଯୋଗ ଦେଇ ଏହି ଶିବିରକୁ ଉଦଯାପନ କରିଥିଲେ । ସମାଜରେ ନାରୀ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । ସେମାନଙ୍କ ସୁରକ୍ଷା ଆମର ଦାୟିତ୍ୱ । ଏବଂ ଛାତ୍ରୀମାନଙ୍କ ଏହି ଆତ୍ମରକ୍ଷା କୌଶଳ ପ୍ରୟୋଗ କରି ନିଜକୁ ରକ୍ଷା କରିବା ସହିତ ସମାଜରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହି ପାରିବେ ବୋଲି ମତ ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଅଧ୍ୟାପକ ଉଲ୍ଲାସ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅତିଥିମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସେକ୍ ନିଜାମୁଦ୍ଦିନ ଏହି ଶିବିର ସଫଳ ହୋଇଥିବାରୁ ପ୍ରଶିକ୍ଷିକା ଓ ଭାରାପ୍ରାପ୍ତ ଅଧ୍ୟକ୍ଷଙ୍କୁ ପ୍ରଶଂସା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ତାଲିମ ପ୍ରଶିକ୍ଷିକା ଯମୁନା ସାହୁ ଓ ଜ୍ୟୋସ୍ନା ନନ୍ଦ ଯୋଗ ଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଶଶିଭୂଷଣ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଅଧ୍ୟାପିକା ରସ୍ମିତା ସାମଲ, ବନଲତା ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ । ସତ୍ୟାନନ୍ଦ ରାଉତ, ବିଷ୍ଣୁଚରଣ ଓଝା, ବାସୁଦେବ ବେହେରା, ମୀରା ପଟ୍ଟନାୟକ, ବିଷ୍ଣୁ ମହାନ୍ତି, ଶ୍ରୀଧର ସାହୁ, ଅଜୟ କୁମାର ଜେନା ଓ ଫୈମୁଲା ଖାଁନଙ୍କ ସମତେ ସମସ୍ତ ଶିକ୍ଷାକର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାବସ୍ଥିତ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାର ଉଦ୍ୟମ ଆରମ୍ଭ ହୋଇଛି । ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବ୍ୟ ଗେଟର ନିର୍ମାଣ କରାଯିବ । ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାବରେ ଦିଆଯାଉଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ । କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ । ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା । ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ । ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ । ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ । ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା । ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ । ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ । ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ । ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ । ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ । ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ । ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ ।

## ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର । ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା । କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦ୍ଦେଷ୍ୟାଗପତି । ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ । ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ । ଏହି ଉଦ୍ଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର । ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର । ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା । ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ । ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ । ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ । ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ । ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ । ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ । ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ । ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା । ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ । ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା । ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ । ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ । ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା । ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା । ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା । ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ । ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ । ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା । ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା । ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ । କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ । ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା । ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ



ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ । ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ । ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ । ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା । କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା । କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା । ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା । ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ । ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ । ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ ।

## ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର । ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ଟ୍ୟାୟରେ ପହଞ୍ଚି ସାରିଛି । ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି । ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ । ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି । ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ । ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟଷ୍ଟ୍ୟ ଆରମ୍ଭ ହେବ । ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ । ପ୍ରଥମ ପର୍ଯ୍ୟଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ । ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର । ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ । ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି । ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା । ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ । ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ । ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ । ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ । ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ । ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ । ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା । ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ । ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ । ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ । ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ । ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା । ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ । ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ । ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ । ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି । ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି । ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ । ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍ । ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ । କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ । ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ନାଟେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



ବାଙ୍କୀ, (ପିଏନ)- ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଗ୍ରାମପଂଚାୟତର ନାଟେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରା ଓ ପରିବେଶ ବିତ୍ ପ୍ରସନ୍ନ କୁମାର ରାଉତରାୟ ଏହାକୁ ଉଦ୍ ଘାଟନ କରିଥିଲେ। ଏହି ବାର୍ଷିକ କ୍ରୀଡାରେ ୨ଶହ ମିଟର, ୧ଶହ ମିଟର, ୫୦ମିଟର ଦୌଡ, ଅଖାଦୌଡ, ଜଭେଲିନ୍ ଥ୍ରୋ, ଲମ୍ବଡିଆଁ, ବାଘ ଦୌଡ, ବାଟିଋମଚ, ବେଙ୍ଗ ଡିଆଁ, ମିଜ୍ୟୁକ୍ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତାମାନ କରାଯାଇଥିଲା। ଏହି କ୍ରୀଡାରେ ବିଜୟ ବାରିକ, ଆଶୁତୋଷ ବେହେରା ଓ ସମୀକ୍ଷା ସ୍ମରଣୀକା ଯଥାକ୍ରମେ ବରିଷ୍ଠ , କନିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଖେଳକୁ ଶିକ୍ଷକ ରବିନ୍ଦ୍ର କୁମାର ରଣା, ଫକୀର ବେହେରା, ମାନସ ରଞ୍ଜନ ସାହୁ, ସବୀତା ବେହେରା ଏହି ଖେଳକୁ ପରିଚାଳନା କରିଥିଲେ।

# ପୂଜ୍ୟପୂଜାର ଅବକ୍ଷୟ ହିଁ ସମାଜର ଅଧୋଗତିର କାରଣ !



ଚଣ୍ଡିଖୋଲ ୨୩/ ୧୨ (ପି.ଏନ)- ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତି ପ୍ରଭାବରେ ଆମ ଓଡ଼ିଆ ମାନଙ୍କ ମଧ୍ୟରୁ ହଜିଯାଉଥିବା ପୂଜ୍ୟପୂଜାର ଅବକ୍ଷୟ ହିଁ ସମାଜର ଅଧୋଗତିର କାରଣ। ବରିଷ୍ଠ ମାନେ ହେଲେ ସମାଜର ଚଳନ୍ତି ପୁଞ୍ଜି ସେମାନଙ୍କର ନିତୀ ଆଦର୍ଶକୁ ଆଜିର ଯୁବପିଢୀ ମାନଙ୍କ ମଧ୍ୟରୁ ହଜି ଯାଉଥିବାରୁ ସମାଜ ଆଜି ଧ୍ୱସଂ ଆଡ଼କୁ ମୁହାଁଉଛି। ମା', ମାଟି, ମାତୃଭୂମୀ, ମାତୃଭାଷାକୁ ଭଲପାଇବାଲେ ସମାଜର ଉନ୍ନତି ହେବ। କୌଣସି ବିଶ୍ୱ ବିଦ୍ୟାଳୟରେ ପାଠ ନପଢି ମଧ୍ୟ ନିଜର ବୁଦ୍ଧି, ଜ୍ଞାନ, ଧବମତା ଯୋଗୁ ଓଡ଼ିଶାର ବହୁ ପ୍ରତିଷ୍ଠି ତ ମହାପୁରୁଷ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ପ୍ଲ୍ଲୀକବି ନନ୍ଦକିଶୋର ବଳ, ବୈଷ୍ଣବ ପାଣି, ବିମ୍ବାଧର ବର୍ମା, ଗଙ୍ଗାଧର ମେହେର ପ୍ରମୁଖ ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଭାଷାକୁ ନେଇ ନିଜର ପାରଦର୍ଶିତା ଦେଖାଇ ପାରିଛନ୍ତି ବୋଲି ପୁର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ପିତା ତଥା ବିଶିଷ୍ଟ ସମାଜ ସେବୀ ସ୍ୱର୍ଗତ ବାସୁଦେବ ମହାପାତ୍ରଙ୍କ ନବମ ବାର୍ଷିକ ସ୍ମୃତି ଚାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଭାଷା ଆନ୍ଦୋଳନ ସଭାପତି ବିଶିଷ୍ଟ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥି ମତବ୍ୟକ୍ତ କରିଛନ୍ତି। ବାସୁଦେବ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ସ୍ଥାୟୀ ସଭାପତି କୂଳମଣୀ ସ୍ୱାଇଁ ଅଧକ୍ଷତା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଭାଷା ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ପବିତ୍ର ମୋହନ ମହାରଥା, ବଡ଼ଚଣା ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ନାୟକ, ଅଧ୍ୟାପକ ଅଭିମନ୍ୟୁ ରାଉତ, ବର୍ଷିୟାନ କମ୍ୟୁନିଷ୍ଟ ନେତା ଦିବାକର ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁର୍ବତନ ସମିତି ସଭ୍ୟ ସୁରେଶ ଚନ୍ଦ୍ର ସାହାଣୀ, ସରପଞ୍ଚ ସମରେନ୍ଦ୍ର ମହାପାତ୍ର, ଶ୍ରମିକ ନେତା ଭଜହରି ମହାପାତ୍ର ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାସୁଦେବ ସ୍ମୃତି କମିଟି ତରଫରୁ ଆୟୋଜିତ ହୋଇଥିବା ବକ୍ତୃତା, କ୍ରୀଡ଼ା, ସାଧାରଣ ଜ୍ଞାନ, ଗୀତା ପାଠ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଆର୍ଯ୍ୟଲୋପା ମହାପାତ୍ର, ସ୍ମୃତିପ୍ରଜ୍ଞା ପାତ୍ର, ଅମରେଶ ଓଝା, ଦିବ୍ୟ ପ୍ରକାଶ ମହାପାତ୍ର ଓ ପ୍ରତିକ୍ଷା ପାତ୍ର, ଆଦ୍ୟପୂଜା ମହାପାତ୍ର, ପଦ୍ମାଳୟା ଲେଙ୍କା, ଦିବ୍ୟପ୍ରକାଶ ମହାପାତ୍ର, ତପସ୍ୱିନୀ ଓଝା, ସୁବର୍ଣ୍ଣା ସେଠୀ, ଉତ୍ତମ ମହାରଣା, ରୁଦ୍ରନାରାଣ ମହାପାତ୍ର, ମିଲି କାହାଳୀ, ପପୁ ଦଳେଇ, ସତ୍ୟବ୍ରତ ଲେଙ୍କା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି ସଂସଦ ର ସଂପାଦକ ଶିକ୍ଷକ ଯଶୋବନ୍ତ ଲେଙ୍କା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖଡ଼ିଅଙ୍ଗ ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ବିନାୟକ ନାୟକ, ଶିକ୍ଷକ ବିରକିଶୋର ଦାସ, ଆଦର୍ଶ ଚାଷୀ ଅଭିମନ୍ୟୁ ସିଂହ, ଶିଶୁ ସାହିତ୍ୟିକ ନବକିଶୋର ଗୋସ୍ୱାମୀ ଓ ଗତ ମାଟ୍ରିକ ପରୀକ୍ଷାରେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅନସୂୟା ଖିଲାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାସୁଦେବ ସ୍ମୃତି ସଂସଦର ସାଧାରଣ ସଂପାଦକ ଯଶୋବନ୍ତ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିକ୍ଷର। ଡ. ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।ବାସୁଦେବ ମହାପାତ୍ରଙ୍କ ନାତୀ କ୍ୟାପଟେନ ରାଜନାରାୟଣ ମହାପାତ୍ର ସମସ୍ତ ଅତିଥି ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବାଙ୍କୀ ପୂଜ୍ୟ ପୂଜା ସୁରକ୍ଷା ଅଭିଯାନ ପକ୍ଷରୁ କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀପାଳନ



ବାଙ୍କୀ, ((ପିଏନ)- ଆଜି ସକାଳେ ବାଙ୍କୀ ପୂଜ୍ୟ ପୂଜା ସୁରକ୍ଷା ଅଭିଯାନ ଓ ବାଙ୍କୀ କଳା,ସହିତ୍ୟ ,ସଂସ୍କୃତି ପରିଷଦ ପକ୍ଷରୁ ମିଳିତ ଭାବେ କବି ଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀପାଳନ କରାଯାଇ ତାଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପୂଜ୍ୟପୂଜା ସୁରକ୍ଷା ଅଭିଯାନର ସଭାପତି ସୁନୀଲ କୁମାର ମିଶ୍ର , କଳା,ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି ବ୍ରଜ କିଶୋର ମହାପାତ୍ର , ପ୍ରଧାପକ ମନୋଜ କୁମାର ମହାପାତ୍ର, ଶିକ୍ଷକ ବିଦ୍ୟାଧର ଖଟୁଆ, କବି କୌଶିକ ନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବାଙ୍କୀ ସଙ୍କୁଳ ସ୍ତରୀୟ ବନବିହାର

ବାଙ୍କୀ, ((ପିଏନ)-ବାଙ୍କୀ ସରସ୍ୱତୀ ଶିଶୁ ମନ୍ଦିର ସଂଙ୍କୁଳ ସ୍ତରୀୟ ଗୁରୁଜୀ ଗୁରୁମାଙ୍କ ବନବିହାର ଆଜି ପଶାଣିଆ ମହାବୀର କ୍ଷେତ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିର ପଥୁରୀ ପଡା ଆନୁକୁଲ୍ୟରେ ଆଜି ବନବିହାର କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁମନ୍ଦିର ପଥୁରୀ ପଡା,ବ୍ରହ୍ମପୁରା,ବାଙ୍କୀ,ନିସ୍ତିପୁର, ତୁଳସୀପୁର, ଗୟଳବାଙ୍କର ଗୁରୁଜୀ ଗୁରୁମାମାନେ ଉପସ୍ଥିତ ଥିଲେ। ବାଙ୍କୀ ସଙ୍କୁଳ ପ୍ରମୁଖ ଧରଣୀଧର ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଥୁରୀପଡା ଶିଶୁ ମନ୍ଦିରର ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ,ପଣ୍ଡିତ ଅଶୋକ କୁମାର ମିଶ୍ର, ସୁନୀଲ କୁମାର ମିଶ୍ର, ପ୍ରଭାତ ପଣ୍ଡା, ମୁରଲୀଧର ପ୍ରଧାନ ଯୋଗଦେଇଥିଲେ। ବାଙ୍କୀ ସଙ୍କୁଳ କେନ୍ଦ୍ରର ନରେଶ ମନ୍ତ୍ରୀ ଏହାକୁ ସଂଯୋଜନା କରିଥିଲେ। ପ୍ରାୟ ଶତାଧିକ ଗରୁଜୀ ଗୁରୁମା ପରସ୍ପର ମଧ୍ୟରେ ଭାବ ବିନିମୟ , ହୁଳହୁଳି ,ଶଙ୍ଖ, ସଂଗୀତ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତାରେ ନିସ୍ତିପୁରର ଅନ୍ନପୂର୍ଣ୍ଣା ପରିଡା , ସଂଗୀତ ପ୍ରତିଯୋଗିତାରେ ତୁଳସୀ ପୁରର ଲକ୍ଷ୍ମୀପ୍ରିୟା ବାରିକ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତୁଳସୀପୁରର ପ୍ରଧାନ ଆଚାର୍ଯ୍ୟ ରମେଶ ଦାଶ, ବାଙ୍କୀର ବିମଳ ରାଉତରାୟ, ବ୍ରହ୍ମପୁରା ତୃପ୍ତିମୟୀ ପଟ୍ଟନାୟକ ନିସ୍ତିପୁରର ଶ୍ୱେତପଦ୍ମାଜେନା , ଗୟଳବାଙ୍କର ବାସନ୍ତୀ ଦାସ, ନିଜସ୍ୱ ଅନୁଭୁତି ବର୍ଣ୍ଣନା କରିଥିଲେ। ଉତ୍ତମ ପରିବେଶ ,ବନ୍ୟପରିବେଶ ମଧ୍ୟରେ ଆଜିର ବନବିଭାଗ ଖୁବ୍ ଆନନ୍ଦ ଦାୟକ ଥିଲା ବୋଲି ସମସ୍ତ ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ ସୁନୀଲ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ କନ୍ୟାଶିବିର ଆୟୋଜିତ



କେନ୍ଦୁଝର,(ପିଏନ)-ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ଯାଏଁ ମୋଟ ୪୧୨ ଜଣ ଶିଶୁ ଯୋଗ ଦେଇଥିଲେ । ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବରେ ସହକାରୀ ଜିଲ୍ଲାପାଳ ଶୁଚିସ୍ମିତା ଦାଶ ପ୍ରଦୀପ ଜାଳି ଉଦ୍‌ଘାଟନ କରି ମହିଳାମାନେ ବର୍ତ୍ତମାନ ଯୁଗକୁ ଆଖି ଆଗରେ ରଖି ପ୍ରତ୍ୟେକ ଆହ୍ୱାନର ସଫଳ ମୁକାବିଲା କରିବାର ଦକ୍ଷତା ଲାଭ କରିବାର କୌଶଳ ବିଷୟରେ ଓ ଭାରତୀୟ ନାରୀର ମହାନତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ ପରିଚାଳନା ସମିତିର ସଦସ୍ୟା ଗୀତାଞ୍ଜଳି ମାଝି ଯୋଗ ଦେଇଥିଲେ । ଉକ୍ତ ଶିବିରରେ ଡା. ଦିପିକା ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରାଇଥିଲେ । ଛାତ୍ରୀମାନଙ୍କୁ ଆଇନଗତ ସଚେତନ କରାଇବା ନିମନ୍ତେ ଆଇନଜୀବି ଜଗଜ୍ଜିତା ଦାଶ, ଅନନ୍ୟା ଐଶ୍ୱର୍ଯ୍ୟା, କଳ୍ପନା ରାଉତ, ସୋନାଲି ରାଉତ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କନ୍ୟା ଭାରତୀ ପ୍ରମୁଖ ମଞ୍ଜୁଶ୍ରୀ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠା ଆଚାର୍ଯ୍ୟା ସୁପ୍ରିତି ସେନଗୁପ୍ତ କନ୍ୟା ଶିବିରର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ଆଚାର୍ଯ୍ୟ ସ୍ନେହଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଦ୍ୱାରା ଝୋଟି, ମୁରୁଜ, ଲକ୍ଷ୍ମୀପୁରାଣ ଗାନ, ପ୍ରବନ୍ଧ ଲିଖନ, ବକ୍ତୃତା, ଡାକଟିକେଟ ପ୍ରଦର୍ଶନ, ଶଙ୍ଖ ବାଦନ, ହୁଳହୁଳି, ଫୁଲମାଳ ଓ ଫୁଲତୋଡା ତିଆରି, ହସ୍ତକର୍ମ ପ୍ରଦର୍ଶନ ଓ ଖାଦ୍ୟମେଳା ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁମାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୨୩ତମ ପ୍ରତିଷ୍ଠା ଦିବସ ପାଇଁ ବଡଚଣା ବିଜେଡିର ପ୍ରସ୍ତୁତି ବୈଠକ



ଚଣ୍ଡିଖୋଲ, ୨୨/୧୨(ପି.ଏନ.)- ଆସନ୍ତା ୨୬ ତାରିଖ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଏହି ଉପଲକ୍ଷେ ଦଳ ପକ୍ଷରୁ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀ ଏହାକୁ ପାଳନ କରିବା ପାଇଁ ଦଳ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏଥି ଉପଲକ୍ଷେ ବଡଚଣା ବିଜେଡି ପକ୍ଷରୁ ଦଳର ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥି ଯୋଗ ଦେଇ ଏହି ୨୩ ତମ ପ୍ରତିଷ୍ଠା ଦିବସକୁ ଦଳ ପକ୍ଷରୁ ଚଣ୍ଡିଖୋଲ ବଜାର ଠାରେ ପାଳନ କରାଯିବ। ପ୍ରତ୍ୟେକ ପଂଚାୟତରୁ ଦଳୀୟ ବ୍ୟାନରରେ ରାଲି ବାହାରିବ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ତଥା ଲୋକାଭିମୁଖୀ ଯୋଜନା ଗୁଡିକୁ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ଦ୍ୱାରା ବହୁଳ ମାତ୍ରାରେ ଆଦୃତ ହୋଇଛି। ଫଳରେ ଲଗାତର ଭାବେ ୫ମ ଥର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ବାସୀଙ୍କ ଆସ୍ଥା ଭାଜନ ପାଇପାରିଛନ୍ତି। ଏଥିସହ ବଡଚଣାବାସୀ ମଧ୍ୟ ଆମ୍ଭକୁ ଛଅ ଛଅ ଥର ନିର୍ବାଚିତ କରିଛନ୍ତି। ଏଣୁ ଆସନ୍ତା ୨୬ ତାରିଖରେ ଦଳର ଏହି ପ୍ରତିଷ୍ଠା ଦିବସରେ ସମସ୍ତ ବର୍ଗର ମହିଳା, ପୁରୁଷ, ଛାତ୍ର, କୃଷକ, ଶ୍ରମିକ ଓ ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ଏଥିରେ ସାମିଲ କରିବାକୁ ଶ୍ରୀ ଶତପଥି ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, ଦଳର ଉପସଭାପତି ପଂଚାନନ ଧଳ, ନିରଞ୍ଜନ ସେନାପତି, ସଂପାଦକ ବିପିନି ବିହାରୀ ଜେନା, ଛାତ୍ର ସଭାପତି ଯତୀନ୍ଦ୍ର ନାୟକ, ଯୁବ ସଭାପତି ଗଣେଶ୍ୱର ବରାଳ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ବିନୋଦିନୀ ସାହୁ, ସଞ୍ଜୀୟ ସ୍ୱାଇଁ, ମାଧବାନନ୍ଦ ମହାପାତ୍ର, ସଚ୍ଚିଦାନନ୍ଦ ସାମନ୍ତରାୟ, ଭରତ ମହାପାତ୍ର, ଶାରଦା ପ୍ରସାଦ ମହାନ୍ତି, ଫନୀନ୍ଦ୍ର ପଣ୍ଡା, ଅମୀୟ ବିଶ୍ୱାଳ, ଦିଲିପି ସାହୁ, ଆଶିଷ ରଞ୍ଜନ ଚୌଧୁରୀ, ଗିରିଶ ପାତ୍ର, ଅନନ୍ତ ଜେନା, ଗଗନ ସ୍ୱାଇଁ, ମୋଇନ ଅଲ୍ଲୀ ଖାଁ, ରଞ୍ଜନ ବଳ, ମନମଥ କେଶରୀ ସାଇବରାୟ, ପ୍ରତାପ ଦାସ, ଜଗନ୍ନାଥ ମୁଦୁଲୀ, ପବନେଶ୍ୱ ରଜେନା, ମନୋରଞ୍ଜନ ଜେନା ପ୍ରମୁଖ ଉଦବୋଧନ ଦେଇ ଏହି ପ୍ରତିଷ୍ଠା ଦିବସକୁ ମହାସମାରୋହରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏବଂ ୨୩ତମ ପ୍ରତିଷ୍ଠା ଦିବସ ହୋଇଥିବାରୁ ୨୩ଗୋଟି ମହମବତୀ ଜଳାଇବା ସହ ୨୩ଗୋଟି ଗଛ ଲଗାଇବା ପାଇଂ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ମୋହନ ଖିଲାର ଧମନ୍ୟବାଦ ଦେଇଥିଲେ।

# ଡମପଡ଼ା ଗ୍ରାମ୍ୟଉନ୍ନୟନ ଡାକବଙ୍ଗଳା ପାଲଟିଛି ଭୂତକୋଠୀ



ବାଙ୍କୀ,(ପିଏନ)- ବାଙ୍କୀ ଡମପଡ଼ା ତହସିଲ କାର୍ଯ୍ୟାଳୟ ସ୍ଥିତ ବାଙ୍କୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୮୦ଲକ୍ଷଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଡାକବଙ୍ଗଳାଟି ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡିରହି ଭୂତକୋଠୀରେ ପରିଣତ ହୋଇଛି। ଗତ ୩ବର୍ଷ ହେଲା ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଡାକବଙ୍ଗଳାଟି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଉଦାସୀନତା ଭାବ ପ୍ରକାଶ କରିଥିବା ବେଳେ ଏହି ଘରର ସୁରକ୍ଷା ପାଇଁ କୌଣସି ଜଗୁଆଳି ନିଯୁକ୍ତି ହୋଇନାହାନ୍ତି। ଯାହା ଫଳରେ ଦୁର୍ବୃତମାନେ ଘରର ବିଦ୍ୟୁତ ସରଞ୍ଜାମ ସହିତ ପଙ୍ଖା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀକରି ନେଇଗଲେଣି। ଏ ନେଇ ଡମପଡ଼ାର ବୁଦ୍ଧିଜୀବୀମାନେ କଟକ ଜିଲ୍ଲାପାଳ ତଥା ବିଭାଗୀୟ କର୍ତ୍ତୁପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ଏଥି ପ୍ରତି କେହି କର୍ଣ୍ଣପାତ କରୁ ନାହାଁନ୍ତି। ଏଥି ପ୍ରତି ବିଭାଗୀୟ କର୍ତ୍ତୁପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଏହି ଡାକବଙ୍ଗଳାଟି କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଛନ୍ତି।

# ସାମ୍ବାଦିକ ବିଶ୍ୱଜିତ ପୃଷ୍ଟିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ସଭା

ବୌଦ୍ଧ, (ପିଏନ)- ବୌଦ୍ଧ ଜିଲାର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ପୃଷ୍ଟିଙ୍କ ରବିବାର ଦିନ ଭୋରରୁ ଭୁବନେଶ୍ୱର ଠାରେ ଏକ ଘରୋଇ ମେଡିକାଲରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ବୌଦ୍ଧରେ ଶୋକର ଛାୟା ଖେଳିଯାଇଛି । ସେ କନକ ଟିଭିର ଜିଲା ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ । ଗତ ୧୨ ତାରିଖରେ ସ୍ୱର୍ଗତ ପୃଷ୍ଟି ଖବର ସଂଗ୍ରହ କାର୍ଯ୍ୟସାରି ଅନୁଗୋଳ ଜିଲା ଆଠମଲିକରୁ ନିଜ ମୋଟର ସାଇକେଲ ଯୋଗେ ବୌଦ୍ଧକୁ ଘରକୁ ଫେରୁଥିବା ବେଳେ ମାଧପୁର ଠାରେ ଏକ ମୋଟର ସାଇକେଲ ସହ ତାଙ୍କର ଧକ୍କା ହୋଇଥିଲା । ଫଳରେ ଶ୍ରୀ ପୃଷ୍ଟିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପ୍ରଥମେ ତାଙ୍କୁ ବୌଦ୍ଧ ମେଡିକାଲକୁ ଆଣି ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ନିଆଯାଇଥିଲା । କିନ୍ତୁ, ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ଭୁବନେଶ୍ୱରର ଘରୋଇ ମେଡିକାଲ କିମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ରବିବାର ଦିନ ଭୋର୍ ୫ଟାରେ ତାଙ୍କର ବିୟୋଗ ଘଟିଛି । ତାଙ୍କର ଆମାୟିକ ବ୍ୟବହାର ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇଥିବାରୁ ତାଙ୍କ ବିୟାଗ ଖବର ପାଇବା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଖବର ପାଇବା ପରେ ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭାରେ ନିରବ ପ୍ରାର୍ଥନା କରିବା ସହ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ ।

ସେହିପରି ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ, ଯୋଗୀନ୍ଦ୍ର ଦେବ ହାଇସ୍କୁଲ ୧୯୮୫ ମ୍ୟାଟ୍ରିକ ବ୍ୟାଚ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ' ଆଦି ଅନୁଷ୍ଠାନ ପକ୍ଷରୁ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରାଯାଇଛି । ଏହା ସହିତ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶିଶିର ସାହୁ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସ୍ୱର୍ଗତ ପୃଷ୍ଟିଙ୍କ ଶେଷ ସମୟରେ ତାଙ୍କ ପାଖରେ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପତ୍ନୀ ଓ ଦୁଇ ଝିଅ ଉପସ୍ଥିତ ରହିଥିଲେ । ତାଙ୍କର ଶେଷ କୃତ୍ୟ ବୌଦ୍ଧ ରାଜଘାଟ ଠାରେ କରାଯିବ ।

**PARADIP PORT TRUST**

**TENDER CALL NOTICE**
**NO. EM/PD-70/19**

Paradip Port Trust invites sealed offers from eligible bidders for "Grant of license for Installation, Operation & Maintenance of 03 nos. 100 Ton Capacity HMC for a period of 05 years extendable to another one year". The prescribed Tender Document will be available in the website **eprocure.gov.in/eprocure/app** from **1715 hrs. Dt. 23.12.2019 to 1715 hours on Dt. 20.01.2020 for online bidding. Last date of submission of bid is** 1715 Hrs. on Dt. 20.01.2020. **EMD :** Rs. 49,53,680/-

PPT/PR/573/19-20 **Executive Engineer**
Dated: 23.12.2019 **Planning & Design Cell**




# ଓଡ଼ିଶାରେ କନ୍ୟା ସନ୍ତାନ ସଂଖ୍ୟା ହ୍ରାସ



ଭୁବନେଶ୍ୱର (ପିଏନ୍): ରାଜ୍ୟରେ ଲିଙ୍ଗ ଅନୁପାତ କେନ୍ଦ୍ର ତୁଳନାରେ କମ ରହିଥିବା ବେଳେ ଓଡ଼ିଶାରେ ଝିଅମାନଙ୍କ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ୨୦୧୧ ଜନଗଣନା ଅନୁସାରେ ଝିଅ ମାନଙ୍କ ସଂଖ୍ୟା ରାଜ୍ୟରେ ବୃଦ୍ଧି ପାଇନଥିବା ବେଳେ ଢ଼େଙ୍କାନାଳ ଜିଲ୍ଲାରେ ସର୍ବାଧିକ ହ୍ରାସ ପାଇଛି ବୋଲି ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ଝିଅ ମାନଙ୍କ ସଂଖ୍ୟା ୯୭୯ ରହିଥିବାବେଳେ ଢ଼େଙ୍କାନାଳ ଜିଲ୍ଲାରେ ପ୍ରତି ୧ ହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ମାତ୍ର ୮୭୭ରହିଛି। ଗତ ୨୦୦୧ ଜନଗଣନା ଅନୁସାରେ ଓଡ଼ିଶାରେ ଝିଅ ମାନଙ୍କ ସଂଖ୍ୟା ପୁଅମାନଙ୍କ ତୁଳନାରେ ନୟାଗଡ଼ ଜିଲ୍ଲାରେ ସର୍ବନିମ୍ନ ୯୦୪ ରହିଥିବାବେଳେ ୨୦୧୧ ମସିହାରେ ଏହା ହ୍ରାସ ପାଇ ୮୫୫ରେ ରହି ପୁଣି ଥରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ୨୦୦୧ ମସିହାରେ ନବରଙ୍ଗପୁରରେ ଝିଅ ମାନଙ୍କ ସଂଖ୍ୟା ୯୯୯ ଥିବାବେଳେ ୨୦୧୧ ମସିହାରେ ଝିଅ ମାନଙ୍କ ସଂଖ୍ୟା ୯୮୮କୁ ହ୍ରାସ ପାଇଛି। ଏହି ୧୦ ବର୍ଷ ମଧ୍ୟରେ ଝିଅ ମାନଙ୍କର ସଂଖ୍ୟା ଢ଼େଙ୍କାନାଳ ଜିଲ୍ଲାରେ ସର୍ବାଧିକ ହ୍ରାସ ପାଇଥିବାର ଜଣାପଡ଼ିଛି। ଗତ ୨୦୦୧ ମସିହାରେ ଝିଅ ମାନଙ୍କ ସଂଖ୍ୟା ୯୨୫ ରହିଥିବାବେଳେ ୨୦୧୧ ମସିହାରେ ୮୭୦ରେ ପହଞ୍ଚିଛି। ରାଜ୍ୟରେ ଥିବା ୩୦ଟି ଜିଲ୍ଲା ମଧ୍ୟରୁ କେବଳ ଗଜପତି, ନୂଆପଡ଼ା, ଜଗତ୍‌ସିଂହପୁର ଓ ବୌଦ୍ଧରେ ଝିଅମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ୨୬ଟି ଜିଲ୍ଲାରେ ହ୍ରାସ ପାଇଛି। ଏହି ଜିଲ୍ଲା ଗୁଡ଼ିକ ମଧ୍ୟରୁ ରାଜ୍ୟରେ ଢ଼େଙ୍କାନାଳ ଜିଲ୍ଲାରେ ସର୍ବାଧିକ ଝିଅମାନଙ୍କ ସଂଖ୍ୟା ୫୫ ହ୍ରାସ ପାଇଛି ବୋଲି ପରିସଂଖ୍ୟାନରୁ ଜଣାପଡ଼ିଛି। ପରିସଂଖ୍ୟାନ ତଥ୍ୟ ଅନୁସାରେ ନୟାଗଡ଼ରେ ୨୦୦୧ରେ ଝିଅମାନଙ୍କ ସଂଖ୍ୟା ୯୦୪ରୁ ୨୦୧୧ରେ ୮୫୫କୁ ହ୍ରାସ ପାଇଥିବା ବେଳେ ଅନୁଗୁଳ ୯୩୭ରୁ ୮୮୪ ଗଞ୍ଜାମରେ ୯୩୯ରୁ ୮୯୯, ଦେବଗଡ଼ରେ ୯୫୬ରୁ ୯୧୭, କଳାହାଣ୍ଡିରେ ୯୮୪ରୁ ୯୪୭, ସୁନ୍ଦରଗଡ଼ରେ ୯୭୦ରୁ ୯୩୭, ସମ୍ବଲପୁରରେ ୯୫୯ରୁ ୯୩୧, କଟକରେ ୯୩୯ରୁ ୯୧୩, ରାୟଗଡ଼ାରେ ୯୮୧ରୁ ୯୫୫, ସୋନପୁରରେ ୯୬୭ରୁ ୯୪୭, କେନ୍ଦ୍ରାପଡ଼ାରେ ୯୪୦ରୁ ୯୨୧, ଖୋର୍ଦ୍ଧାରେ ୯୨୬ରୁ ୯୧୦, ଯାଜପୁରରେ ୯୩୭ରୁ ୯୨୧, ବଲାଙ୍ଗିରରେ ୯୬୭ରୁ ୯୫୧, କୋରାପୁଟରେ ୯୮୩ରୁ ୯୭୦, ଭଦ୍ରକରେ ୯୪୩ରୁ ୯୩୧, ଝାରସୁଗୁଡ଼ାରେ ୯୪୯ରୁ ୯୩୮, ବରଗଡ଼ରେ ୯୫୭ରୁ ୯୪୬, ନବରଙ୍ଗପୁରରେ ୯୯୯ରୁ ୯୮୮, କନ୍ଧମାଳରେ ୯୭୦ରୁ ୯୬୦, ପୁରୀରେ ୯୩୧ରୁ ୯୨୪, କେନ୍ଦୁଝରରେ ୯୬୨ରୁ ୯୫୭, ମୟୁରଭଞ୍ଜରେ ୯୫୬ରୁ ୯୫୨, ବାଲେଶ୍ୱରରେ ୯୪୪ରୁ ୯୪୧, ମାଲକାନାଗିରିରେ ୯୮୨ରୁ ୯୭୯କୁ ହ୍ରାସ ପାଇଛି। ରାଜ୍ୟରେ ଏକମାତ୍ର ଜିଲ୍ଲା ବୌଦ୍ଧରେ ଝିଅ ମାନଙ୍କ ସଂଖ୍ୟା ୯୬୬ରୁ ୯୭୫କୁ ଅର୍ଥାତ୍ ସର୍ବାଧିକ ବୃଦ୍ଧି ପାଇଛି। ରାଜ୍ୟରେ ଝିଅମାନଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ଅର୍ଥନୀତି ପ୍ରତି ଏହା ପ୍ରତିକୂଳ ପ୍ରଭାବ ପକାଉଛି। ଝିଅ ମାନଙ୍କ ସଂଖ୍ୟା ଢ଼େଙ୍କାନାଳରେ ସର୍ବାଧିକ ହ୍ରାସ ପାଉଛି। ବର୍ତ୍ତମାନ ଆର୍ଥିକ ସ୍ଥିତି ୧୯୮୦ ଦଶକ ପରଠାରୁ ହ୍ରାସ ପାଉଥିବା ବେଳେ ଅନ୍ଧବିଶ୍ୱାସ ଓ ସଚେତନତା ଅଭାବ ଯୋଗୁଁ ପୁଅ ମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ଯୋଗୁ ଝିଅ ମାନଙ୍କ ସଂଖ୍ୟା ହ୍ରାସ ପାଉଛି। ପୁଅ ଆଶାରେ ଝିଅ ମାନଙ୍କ ଭ୍ରୁଣ ହତ୍ୟା ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ପିଏନ୍‌ଡିଟି ଆଇନର ଖୋଲାଖୋଲି ଉଲଂଘନ କରାଯାଇ ବିଭିନ୍ନ ଘରୋଇ ଚିକିତ୍ସାଳୟରେ ଗର୍ଭପାତ କରାଯାଉଥିବାରୁ ଏହି ସଂଖ୍ୟା ହ୍ରାସ ପାଉଛି। ସେହିପରି ରାଜ୍ୟରେ ସାକ୍ଷରତା ହାର ମହିଳାମାନଙ୍କ କ୍ଷେତ୍ରରେ ୬୪.୧ରେ ରହିଥିବା ବେଳେ ମହିଳାମାନଙ୍କ ମଧ୍ୟରେ ରହିଥିବା ଅନ୍ଧବିଶ୍ୱାସ ଓ ନିରକ୍ଷରତା କନ୍ୟା ସନ୍ତାନର ହ୍ରାସର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଭାରତର କେରଳ ରାଜ୍ୟରେ ସର୍ବାଧିକ ଝିଅମାନଙ୍କ ସଂଖ୍ୟା ରହିଥିବା ବେଳେ ଓଡ଼ିଶାରେ ପୁଅ ଝିଅଙ୍କ ମଧ୍ୟରେ ଭେଦଭାବ ହିଁ ସମସ୍ୟାକୁ ଅଧିକ ଜଟିଳ କରୁଥିବାର ଜଣାପଡ଼ିଛି।

**(ସୌଜନ୍ୟ: ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୪୩୭୧୨୪୫୭୨)**

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଭୁବନେଶ୍ୱର (ପିଏନ୍)- ସ୍ୱର୍ଗତ ହରେକୃଷ୍ଣ ତ୍ରିପାଠୀଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣା ମହିଳା ହାରାମଣି ଦେବୀଙ୍କ ୟୁନିଟ୍ ୬ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମେଳାପି, ସ୍ନେହି, ଧର୍ମପରାୟାଣା ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ପାଖରେ କନିଷ୍ଠ ପୁତ୍ର ବ୍ୟାଙ୍କ ମ୍ୟାନେଜର ପ୍ରମୋଦ କୁମାର ତ୍ରିପାଠୀ, ଜ୍ୟେଷ୍ଠ ପୁତ୍ର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ମଧ୍ୟମ ପୁତ୍ର ଅଧ୍ୟାପକ ମଧୁସୂଦନ ଦାଶ, ବୋହୂ ଅଧ୍ୟାପିକା ରେଖା ଦାଶ, ଜ୍ୟେଷ୍ଠ ଜାମାତା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମିଶ୍ର, କନିଷ୍ଠ ଜାମାତା ଆୟକର ବିଭାଗର ପ୍ରାକ୍ତନ ମୁଖ୍ୟ କମିଶନର କୈଳାସ ଚନ୍ଦ୍ର ଷଡଙ୍ଗୀ, କନିଷ୍ଠା କନ୍ୟା ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷା ସୁଷମା ତ୍ରିପାଠୀ, ପୁତୁରା ଓଡିଶା ସିଲେକ୍ସନ ବୋର୍ଡ ଅଧ୍ୟକ୍ଷ ଦକ୍ଷ ପ୍ରସାଦ ନନ୍ଦ ଓ ନାତି ପାର୍ଥ ସାରଥୀ ମିଶ୍ରଙ୍କ ସହିତ ପରିବାରର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସ୍ୱାମୀଙ୍କୁ କଟୁରୀରେ ହାଣିଲା ପ୍ରେମିକା

ବାଲେଶ୍ୱର (ପିଏନ୍): ସହଦେବଖୁଣ୍ଟା ମଡେଲ ଥାନା ଅନ୍ତର୍ଗତ ଗୁଡିପଦାରେ ନିଜ ସ୍ୱାମୀଙ୍କୁ ହତ୍ୟା କରି ବାରିପଦା ସଦର ଥାନାରେ ଆତ୍ମସମର୍ପଣ କରିଥିଲା ସୀତା ହେମ୍ବ୍ରମ (୪୩) । ସେ ହତ୍ୟା କରିଥିଲା ସଦର ଥାନା ସିରିଶବଣି ଗ୍ରାମର ବଢା ମାରାଣ୍ଡି (୪୮)ଙ୍କୁ । ସୀତା ହେମ୍ବ୍ରମ ଏବଂ ବଢା ମାରାଣ୍ଡି ଉଭୟ ଦୀର୍ଘଦିନରୁ ସ୍ୱାମୀ ସ୍ତ୍ରୀ ଭାବେ ଚଳି ଆସୁଥିଲେ । ବଢା ବାଲେଶ୍ୱର ଏଫସିଆଇ ଗୋଦାମରେ ଜଗୁଆଳି ଚାକିରୀ କରିଥିଲେ । ମାତ୍ର ବଢା ଦ୍ୱିତୀୟ ବିବାହ କଲାପରେ ସୀତା ଓ ତାଙ୍କ ସନ୍ତାନଙ୍କୁ ହତାଦର କରୁଥିଲେ ଏବଂ ଏହାକୁ କେନ୍ଦ୍ରକରି ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡା ଲାଗୁଥିଲା । ସେପଟେ ପ୍ରେମ କରି ବଢା ସହିତ ରହୁଥିବାରୁ ସୀତାଙ୍କର ନିଜ ବାପ ଘର ଲୋକଙ୍କ ସହ ମଧ୍ୟ ଭଲ ସମ୍ପର୍କ ନଥିଲା । ଫଳରେ ପ୍ରତିଶୋଧପରାୟଣ ହୋଇ ଭୋର ସମୟରେ ବଢା ଶୋଇଥିବାବେଳେ ସୀତା ତାଙ୍କୁ କଟୁରୀରେ ହାଣି ହତ୍ୟା କରିଦେଇଥିଲେ ଏବଂ ହତ୍ୟା କରିବା ପରେ ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ । ଏହାପରେ ସେ ବାରିପଦା ସଦର ଥାନାରେ ଆତ୍ମସମର୍ପଣ କରିଥିଲେ । ବଢା ଓ ସୀତା ବାଲେଶ୍ୱର ଗୁଡିପଦା ବସ୍ତିର ତପନ ସେଠୀଙ୍କ ବିଲ୍ଡିଂରେ ଦୁଇମାସ ହେବ ଭଡା ନେଇ ରହୁଥିଲେ । ସେହି ବିଲ୍ଡିଂରେ ରହୁଥିବା ତାଙ୍କର ଅନ୍ୟଜଣେ ସହଯୋଗୀ ଛୋଟରାୟ ମୁର୍ମୁଙ୍କ କହିବା ଅନୁଯାୟୀ ବଢାଙ୍କର ରାତି ଡିୟୁଟି ଥିଲା । ଡିୟୁଟିରେ ଥିଲାବେଳେ ସେ ପ୍ରାୟ ରାତି ୧୦ଟା ବେଳେ ଘରକୁ ଖାଇବାକୁ ଯାଇଥିଲେ । ପରେ ଡିୟୁଟିକୁ ନଫେରିବା ଦେଖି ସକାଳେ ଛୋଟରାୟ ନିଜ ସ୍ତ୍ରୀଙ୍କୁ ଫୋନ୍ କରି ବଢା ଘରେ ଅଛି କି ନାହିଁ ଦେଖି ଆସିବାକୁ କହିଥିଲେ । ମାତ୍ର ବଢାଙ୍କ କବାଟ ବନ୍ଦ ଥିବା ଦେଖି ତାଙ୍କ ସ୍ତ୍ରୀ ଛୋଟରାୟଙ୍କୁ ଖବର ଦେବାରୁ ସେ ଏଫସିଆଇର କିଛି କର୍ମଚାରୀଙ୍କୁ ସାଙ୍ଗରେ ଧରି ସେଠାକୁ ଆସି କବାଟ ଖୋଲିବା ପରେ ବଢାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରି ପଡିଥିବା ଦେଖିବାକୁ ପାଇଥିଲେ । ଏଥିସହ ମୃତ ଦେହ ନିକଟରେ ଏକ ରକ୍ତଭିଜା କଟୁରୀ ପଡିଥିଲା । ପରେ ଘଟଣାସ୍ଥଳରେ କ୍ରାଇମ୍ ଡିଏସପି ମନୋଜ ରାଉତ, ସହଦେବକୁଣ୍ଟା ମଡେଲ ଥାନା ଆଇଆଇସି ପରେଶ ରାଉତ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତଭିଜା କଟୁରୀକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ । ବଢାଙ୍କ ଭାଇ ଧନୁର୍ଜୟ ମାରାଣ୍ଡିଙ୍କ ଅଭିଯୋଗକ୍ରମେ କେସ୍ ନଂ.୨୯୧/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା । ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ଗାଳ୍ପିକା ନିରୁପମା ଆଚାର୍ଯ୍ୟଙ୍କ 'ଆତ୍ମାର ମିଳନ' ଅନୁବାଦିତ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଅନ୍ୟତମ ପୁରାତନ ମହିଳା ମାସିକ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ଆନୁକୁଲ୍ୟରେ ବିଶିଷ୍ଟ ଗାଳ୍ପିକା ଶିଶୁ ସାହିତ୍ୟିକା ଓ ଅନୁବାଦିକା ଶ୍ରୀମତୀ ନିରୁପମା ଆଚାର୍ଯ୍ୟଙ୍କର ଅନୁବାଦିତ 'ଆତ୍ମାର ମିଳନ' ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟର କ୍ୟାଂଟିନ୍, ଭୁବନେଶ୍ୱରଠାରେ 'ଯୁଗଶ୍ରୀ ଯୁଗନାରୀ'ର ସଂପାଦିକା ଶ୍ରୀମତୀ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ଉଦ୍‌ଘାଟକ ଭାବେ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଯୋଗଦେଇ ମାତୃଶକ୍ତି ବିଶ୍ୱ ବନ୍ଦନୀୟା ଓ ଏହି ଶକ୍ତିକୁ ଆଗକୁ ବଢାଇଲେ ସମାଜର ସନ୍ତୁଳନ ଆସିପାରିବ ବୋଲି ଅଭିବ୍ୟକ୍ତି ପ୍ରକାଶ କରିବା ସହ ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକାଙ୍କ ଉଚ୍ଚ ପ୍ରଶଂସା କରିଥିଲେ।

ମୁଖ୍ୟଅତିଥି ଡ. ହରପ୍ରସାଦ ଦାସ, ମୂର୍ତ୍ତିଦେବୀ ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି, ପ୍ରାବନ୍ଧିକ ଓ ସମାଲୋଚକ ଭଲ ବହିର ସଂଜ୍ଞା ବିଶ୍ଳେଷଣ କରି ନିରୁପମା ଆଚାର୍ଯ୍ୟଙ୍କ ଗଳ୍ପରେ ମାନବବାଦର ଆବେଦନ ସଂଶ୍ଳିଷ୍ଟ ଓ ଆସ୍ଥାବାଦ ପ୍ରସ୍ଫୁଟିତ ବୋଲି କହିବା ସହ ପୁସ୍ତକକୁ ସଂଗ୍ରହଣୀୟ ଗଳ୍ପ ପୁସ୍ତକ ବୋଲି ଉଲ୍ଲେଖ କରିଥିଲେ। ଅମାନବୀୟ ହେବା ମାନେ ଆଧୁନିକ ହେବା। କାରଣ ମଣିଷର ଆବେଗ, ସ୍ୱପ୍ନ ଓ ଦୃଷ୍ଟିଭଙ୍ଗୀରେ ଭଲଗୁଣ ନାହିଁ। କିନ୍ତୁ ଭଲ ବିଷୟରେ ଲେଖା ହିଁ ଭଲ ବହି ବୋଲି ମତବ୍ୟକ୍ତ କରିଥିଲେ। କାରଣ ଏଥିରେ କଳ୍ପନା ନିର୍ମାଣର ମୂଳ ଉତ୍ସ ଥାଏ। ମୁଖ୍ୟବକ୍ତା ଡ. ମନୋରମା ମହାପାତ୍ର, ସୁସାହିତ୍ୟିକା, କବି ଓ ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ ନିରୂପମା ଆଚାର୍ଯ୍ୟଙ୍କ ଚମତ୍କାର ଅନୁବାଦିତ ୭୭ଟି ଗଳ୍ପ ଉପରେ ମନ୍ତବ୍ୟ ଦେଇ ତାଙ୍କୁ ଜଣେ ଅନନ୍ୟା ଓ ସର୍ବୋତମ ଅନୁବାଦିକା ଭାବେ ଅଭିହିତ କରି ତାଙ୍କ ଗଳ୍ପରେ ସକାରାତ୍ମକ ଚିନ୍ତନ ପ୍ରତିଫଳିତ ଓ ମଣିଷ ପ୍ରତି ଐଶ୍ୱରିକ ଆଶୀର୍ବାଦର ବାର୍ତ୍ତା ଗଳ୍ପରେ ରହିଛି ବୋଲି ପ୍ରଶଂସା କରିବା ସହ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।

ସମ୍ମାନିତ ଅତିଥି ଡ. ଗୌରହରି ଦାସ, କଥାକାର ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାରପ୍ରାପ୍ତ ନିରୂପମା ଆଚାର୍ଯ୍ୟଙ୍କ ଗଳ୍ପ ସୌନ୍ଦର୍ଯ୍ୟ, ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି କହିଥିଲେ। ତାଙ୍କ ଗଳ୍ପରେ ଉପେକ୍ଷିତ ହେବା ଠାରୁ ଅପମାନ ଆଉ କିଛି ନାହିଁ ବୋଲି ଗଳ୍ପରୁ ବହୁ ଉଦାହରଣ ଦେଇ ତାଙ୍କ ଗଳ୍ପକୁ ସର୍ବୋତ୍ତମ ଅନୁବାଦିତ ଗଳ୍ପ ବୋଲି ପ୍ରତିପାଦିତ କରିଥିଲେ।

ସୁସାହିତ୍ୟିକା ଡ. ସୁଷମା ମିଶ୍ର ନିରୂପମା ଆଚାର୍ଯ୍ୟ ଭିନ୍ନ ଭିନ୍ନ ଦେଶର ବିଷୟବସ୍ତୁକୁ ନିଜ ଭାଷାରେ ପରଶି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ଓ ତାଙ୍କ 'ଆତ୍ମାର ମିଳନ' ପୁସ୍ତକ ଏକ ମାଇଲ୍ ଖୁଣ୍ଟି ବୋଲି ଦର୍ଶାଇଥିଲେ। ଏହି ବହି ଏମିତି ନଈ ଯେ, ଯେତେ ଅବଗାହନ କଲେ ସେତେ ମନ ନିର୍ମଳ ହେବ, ଏକଥା ପୁସ୍ତକର ଅଭୁଲା ଚରିତ୍ରମାନେ ତାଙ୍କୁ ଅଭିଭୂତ କରିଛନ୍ତି। ପୁସ୍ତକର ଅନୁପମ ଶୈଳୀ ଓ ସ୍ୱଚ୍ଛ ଭାଷା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପୁସ୍ତକର ଅନୁବାଦିକା ନିରୁପମା ଆଚାର୍ଯ୍ୟ ବହିପଢ଼ାର ଆନନ୍ଦଠାରୁ ସୁଖ ଆଉ କିଛି ନାହିଁ ଓ ଅନୁବାଦରେ ଭାବ୍‌କୁ ନେଇ ସେ ଗଳ୍ପ ଅନୁବାଦ କରିଛନ୍ତି ବୋଲି କିହିଥିଲେ ।

'ଯୁଗଶ୍ରୀ ଯୁଗନାରୀ'ର ସହ-ସଂପାଦିକା, ଡ. ପ୍ରଭାବତୀ ପଣ୍ଡା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସୁଶ୍ରୀ ଗୀତାଞ୍ଜଳି ସିଂ ମଞ୍ଚ ଆହ୍ୱାନ କରିଥିବା ବେଳେ 'ଆର୍ଯ୍ୟ ସମାଜ'ର ସମ୍ପାଦକ ବୀରେନ୍ଦ୍ର କୁମାର କର ବେଦପାଠ କରିଥିଲେ । ନିରୁପମା ଆଚାର୍ଯ୍ୟଙ୍କ ନାତି ପ୍ରତୀକ ଦାସ ଓ ନାତୁଣୀବୋହୂ ନେଲି ତାଙ୍କ ଆଇମାଙ୍କ ପୁସ୍ତକ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଡଃ ଗାୟତ୍ରୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶାନ୍ତନୁ ଆଚାର୍ଯ୍ୟ, ପଦ୍ମଭୂଷଣ ରମାକାନ୍ତ ରଥ, ପଦ୍ମଶ୍ରୀ ଡ଼ଃ ପ୍ରିୟମ୍ବଦା ମହାନ୍ତି ହେଜମାଦି, ଇଂ ପ୍ରିୟବ୍ରତ ଦାସ, ଶ୍ରୀମତୀ ଶନ୍ନୋଦେବୀ, ଡଃ ଅର୍ଚ୍ଚନା ନାୟକ, ପୀତବାସ ରାଉତରାୟ, ଡଃ ଶକୁନ୍ତଳା ବଳିୟାରସିଂହ, ଡଃ ସଂଘମିତ୍ରା ମିଶ୍ର, ଡଃ ମନୋରମା ବିଶ୍ୱାଳ ମହାପାତ୍ର, ରାଜକିଶୋର ମିଶ୍ର, ଗାୟତ୍ରୀ ସରାଫ, ଡଃ ନିବେଦିତା ମହାନ୍ତି, ଶୈଳରାଣୀ ମିଶ୍ର, ରୁମ୍‌ଝୁମ୍ ନାୟକ, ବୈଜୟନ୍ତି ମିଶ୍ର, ମାଳବିକା ରାୟ ପ୍ରମୁଖଙ୍କ ସମେତ ୨୫୦ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଉପସ୍ଥିତ ଥିଲେ।

## ଉଠାଦୋକାନୀଙ୍କ ଉପରେ ଜୁଲମ୍ ବନ୍ଦ ଓ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଶିଳ୍ପାଞ୍ଚଳରେ ଉଠାଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ଜରିଆରେ ଥଇଥାନ କରିବା ସହିତ ବସ୍ତି ଅଞ୍ଚଳରେ ଆବଶ୍ୟକୀୟ ପାଣି ଓ ଶୌଚାଳୟ ଯୋଗାଇଦେବା ପାଇଁ ସହରସେବା କର୍ତ୍ତୃପକ୍ଷଙ୍କଠାରେ କଂଗ୍ରେସ ତରଫରୁ ଦାବି କରାଯାଇଛି । ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଗତ ୧୯ ତାରିଖରେ ସହରସେବା ବିଭାଗର ମହାପ୍ରବନ୍ଧକ ଅଜୟ ନାୟକଙ୍କୁ ସାକ୍ଷାତ କରି ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କ ଉପରେ ଲ୍ୟାଣ୍ଡଗାର୍ଡ କର୍ମଚାରୀମାନଙ୍କ ଜୁଲମ ବିରୁଦ୍ଧରେ ପ୍ରତିବାଦ କରିଥିଲେ । କିଛି ଲ୍ୟାଣ୍ଡଗାର୍ଡ କର୍ମଚାରୀ ସମ୍ପୃକ୍ତ ଉଠାଦୋକାନୀମାନଙ୍କ ଉପରେ ଜୁଲମ କରି ସେମାନଙ୍କ ସାମଗ୍ରୀ ନଷ୍ଟ କରିବା ସହିତ ବଟି ଦେବା ପାଇଁ ବାଧ କରୁଥିବାରୁ ଉଠାଦୋକାନୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି ଏବଂ ଏହି ପୁଂଜିଭୂତ ଅସନ୍ତୋଷ କେତେବେଳେ ବିସ୍ଫୋରକ ରୂପ ନେଇପାରେ ବୋଲି ପ୍ରତିନିଧି ଦଳ ସତର୍କ କରାଇ ଦେଇଥିଲେ । ରିଂ ରୋଡ଼ ପାର୍ଶ୍ୱରେ ନିଜ ସାମଗ୍ରୀ ବିକ୍ରିବଟା କରୁଥିବା କ୍ଷୁଦ୍ର ଉଠା ବ୍ୟବସାୟୀମାନଙ୍କୁ ଭେଣ୍ଡିଂ ଜୋନ୍ କରି ଥଇଥାନ କରିବା ସହିତ ସେକ୍ଟର ଅଞ୍ଚଳରେ ଅବ୍ୟବସ୍ଥିତ ଅବସ୍ଥାରେ ପଡିଥିବା ଗୁମ୍‌ଟିଗୁଡିକୁ ବ୍ୟବସ୍ଥିତ ଢଙ୍ଗରେ ଖାଲିଥିବା ଜାଗାରେ ପକାଇ ଭେଣ୍ଡିଂ ଜୋନ୍ ସୃଷ୍ଟି କରିବାକୁ ଦାବି କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ବସ୍ତି ଅଞ୍ଚଳରେ ସହରସେବା ବିଭାଗ ତରଫରୁ ବସ୍ତିବାସୀଙ୍କୁ ଆବଶ୍ୟକୀୟ ପାନୀୟ ଜଳ ଯୋଗାଇ ଦେବା ସହିତ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ପାଇଁ ଦାବି କରିଥିଲେ । ବିଭିନ୍ନ ବସ୍ତି ଅଞ୍ଚଳରେ ଗଢି ଉଠିଥିବା ଅବୈଧ ଲୁହାକଣ୍ଟା ଓ ମଦ ଭାଟିଗୁଡିକୁ ତୁରନ୍ତ ସହରସେବା ବିଭାଗ ଉଚ୍ଛେଦ କରିବା ପାଇଁ ପ୍ରତିନିଧି ଦଳ ଦାବି କରିବା ସହିତ ଏହି କାର୍ଯ୍ୟରେ କଂଗ୍ରେସ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରତିନିଧି ଦଳର ଦାବିଗୁଡିକ ଯଥାର୍ଥ ବୋଲି ମହାପ୍ରବନ୍ଧକ ସ୍ୱୀକାର କରି ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ତିର୍କୀଙ୍କ ସମେତ ବରିଷ୍ଠ ନେତା ବିରେନ ସେନାପତି, ପ୍ରଶାନ୍ତ ସେଠୀ, ବିଜୟ ଆପଟ୍ଟ, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ, ଉପସଭାପତି ପ୍ରସନ୍ନ ବଳିୟାରସିଂ, ସେବାଦଳର ଶୁକଦେବ ପଣ୍ଡା, କୃଷ୍ଣଚନ୍ଦ୍ର ପାତ୍ର, ସାରଦା ପ୍ରସନ୍ନ ଦାସ ଓ ରବୀନ୍ଦ୍ର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍



ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ଜୟପୁରସ୍ଥିତ ଆଇଆଇଏସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ୮ମ ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳାଧିପତି ଜଷ୍ଟିସ୍ ଏସ୍ ଏନ୍ ଭାର୍ଗବଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ପଦ୍ମ ଭୂଷଣ ଜଷ୍ଟିସ୍ ଦଲବୀର ଭଣ୍ଡାରୀ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଶ୍ରୀ ସାମନ୍ତ ଦେଶ ଓ ବିଦେଶରୁ ୪୧ଟି ଡକ୍ଟୋରେଟ ଡିଗ୍ରୀ ହାସଲ୍ କରିସାରିଲେଣି। ଏହି ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି, ପଦାଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସମ୍ମାନ ପାଇବା ପରେ ଶ୍ରୀ ସାମନ୍ତ ଆଇଆଇଏସ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରି କହିଛନ୍ତି, ଏହି ସମ୍ମାନ ତାଙ୍କୁ ଶିକ୍ଷା ଓ ସାମଜସେବା କ୍ଷେତ୍ରରେ ଅଧିକରୁ ଅଧିକ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ।

## ଏକ୍ସ-ରେର ଉଦ୍ଭାବକ : ୱିଲହେଲମ୍ ରୋଣ୍ଟଜନ୍



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ୍ସ-ରେ ଆଜି ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏହାରି ସହାୟତାରେ ଶରୀରରେ କୌଣସି ହାଡ଼ ଭାଙ୍ଗି ଯାଇଥିଲେ ଜାଣି ହେଉଛି। ଫଳରେ ତାହାର ଚିକିତ୍ସା କରାଯିବା ସମ୍ଭବ ହୋଇପାରୁଛି। ଏହାଛଡ଼ା କୌଣସି ବସ୍ତୁର ଆଭ୍ୟନ୍ତରୀଣ ଅଂଶରେ ରହି ଯାଇଥିବା ତ୍ରୁଟି ବିଚ୍ୟୁତିକୁ ଠାବ କରି ହେଉଛି। ଏକ୍ସ-ରେ ହେଉଛି ଏକପ୍ରକାରର ଚୁମ୍ବକୀୟ ବିକିରଣ। ଏହାକୁ ରୋଣ୍ଟଜନ୍ ବିକିରଣ ମଧ୍ୟ କୁହାଯାଇଥାଏ। ଏକ୍ସ-ରେ ଉଦ୍ଭାବନ କରିଥିବା ବୈଜ୍ଞାନିକ ୱିଲହେଲମ୍ ରୋଣ୍ଟଜନ୍‌ଙ୍କ ନାମ ଅନୁସାରେ ଏକ୍ସ-ରେକୁ 'ରୋଣ୍ଟଜନ୍ ରେ' ବୋଲି କୁହାଯାଇଥାଏ। ଜର୍ମାନୀର ରିନେ ପ୍ରୋଭିନସ୍ ଅନ୍ତର୍ଗତ ଲେନ୍‌ନେପ୍ ଠାରେ ୨୭ ମାର୍ଚ୍ଚ ୧୮୪୫ ମସିହାରେ ବୈଜ୍ଞାନିକ ୱିଲହେଲମ୍ କନ୍‌ରାଡ଼ ରୋଣ୍ଟଜେନ୍ ଜନ୍ମ ଗ୍ରହଣ କରିଥିଲେ। ଜୁରିଚ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ହାସଲ କରିବା ପରେ ରୋଣ୍ଟଜେନ୍ ଅଧାପକ ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ଅଧାପନା ସହ ସେ ପଦାର୍ଥ ବିଜ୍ଞାନରେ ଗବେଷଣା ଜାରି ରଖିଥିଲେ। ୮ ନଭେମ୍ବର, ୧୮୯୫ରେ ସେ ଏକ୍ସ-ରେ ଉଦ୍ଭାବନ କରିବା ସହ ଏହାର ସଫଳ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ରୋଣ୍ଟଜେନ୍ ପ୍ରଥମେ ନିଜ ପତ୍ନୀଙ୍କ ହାତରେ ଏକ୍ସ-ରେ ପ୍ରୟୋଗ କରି ତାଙ୍କ ହାଡ଼ଗୁଡ଼ିକର ଚିତ୍ର ଦେଖିପାରୁଥିଲେ ବୋଲି ଜଣାଯାଏ। ଏହି ଉଦ୍ଭାବନ ପାଇଁ ତାଙ୍କୁ ୧୯୦୧ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଆଜି ସ୍ୱାସ୍ଥ୍ୟଗତ ପରୀକ୍ଷା ନିରୀକ୍ଷା କ୍ଷେତ୍ରରେ ଏକ୍ସ-ରେ ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନ ଏହି ଏକ୍ସରେର ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଡିଜିଟାଲ ଏକ୍ସରେ ମାଧ୍ୟମରେ କମ୍ପ୍ୟୁଟରାଇଜ୍ ବ୍ୟବସ୍ଥୀକରଣ ଦ୍ୱାରା ଏହା ରୋଗୀଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଗତ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ଭାବେ ମୁଖ୍ୟ ମାଧ୍ୟମ ପାଲଟିଛି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟର ବଡ଼ ମେଡ଼ିକାଲ, ଶିଶୁଭବନ, ଜିଲ୍ଲାସଦର ମହକୁମା ବ୍ୟତୀତ ଅନ୍ୟାନ୍ୟ ଡାକ୍ତରଖାନାରେ ରୋଗୀମାନଙ୍କ ହାତପାଆନ୍ତାରେ ବିନା ମୂଲ୍ୟରେ ଏହି ସୁବିଧା ଯୋଗାଇବାର ବ୍ୟବସ୍ଥା ହୋଇଛି।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଏଣ୍ଡୋସ୍କୋପିଷ୍ଟ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ଫକୀରମୋହନ ମେଡିକାଲ କଲେଜରେ ଅବ୍ୟବସ୍ଥା

ବାଲେଶ୍ୱର (ପିଏନ୍): କଥାରେ ଅଛି 'ବହୁ ଆଡମ୍ବରରେ ଲଘୁ କ୍ରିୟା' । ଅନେକ ସଂଗ୍ରାମ ଫଳରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କଳେବର ବୃଦ୍ଧି ପାଇଛି ସତ କିନ୍ତୁ ଯେଉଁ ପରିମାଣରେ ରୋଗୀ ଏଠାକୁ ଚିକିତ୍ସା ପାଇଁ ପୂର୍ବରୁ ଆସୁଥିଲେ ତାହା ଏବେ ଦ୍ୱିଗୁଣିତ ହୋଇଛି । ସରକାରଙ୍କର ନିର୍ଦ୍ଦେଶନାମା ଅନୁଯାୟୀ ଡାକ୍ତରଖାନାରେ ସବୁ ପ୍ରକାର ଚିକିତ୍ସା ଓ ପରୀକ୍ଷା ନୀରିକ୍ଷା ତଥା ଔଷଧ ନିଃଶୁଳ୍କ ଅର୍ଥାତ୍ ବିନା ମୂଲ୍ୟରେ ଉପଲବ୍ଧ ହେବା କଥା । କିନ୍ତୁ ଡାକ୍ତରମାନଙ୍କର ଚିଠା ଅନୁସାରେ ଔଷଧ ମିଳୁନାହିଁ । ଲୋକମାନେ ବାଧ ହୋଇ ମେଡିକାଲ ପରିସର ଓ ବାହାରେ ଥିବା ଔଷଧ ଦୋକାନରୁ ଡାକ୍ତରମାନଙ୍କ ଚିଠା ଦେଖାଇ ଚଢାଦାମ୍‌ରେ ଔଷଧ କିଣୁଛନ୍ତି । କୁହାଯାଉଥିଲା ଯେ, ରୋଗୀମାନଙ୍କୁ ୧୦ କିମ୍ବା ୨୦ ପ୍ରତିଶତ ନିର୍ଦ୍ଧାରିତ ମୂଲ୍ୟଠାରୁ ରିହାତି ମିଳିବା କଥା । କିନ୍ତୁ ବାଲେଶ୍ୱରରେ ଏହା କାର୍ଯ୍ୟକାରୀ ହେଉନାହିଁ । ସେହିପରି ଡାକ୍ତରଖାନାରେ ବହୁ ପଦବୀ ଖାଲି ପଡିଥିଲା ବେଳେ ହୃଦ୍‌ରୋଗ ବିଶେଷଜ୍ଞ ଦୁଇ ମାସ ଧରି ଛୁଟିରେ ଅଛନ୍ତି । ଶୁଣିବାକୁ ମିଳିଥିଲା '୫-ଟି'ର ୩ ଜଣିଆ ସଦସ୍ୟ ଡାକ୍ତରଖାନା ପରିସରକୁ ଆସିବା କଥା । ଏଥିପାଇଁ ସମସ୍ତ କର୍ମଚାରୀ ସଜାଗ ଥିବାର ଦେଖିବାକୁ ମିଳିଥିଲା । ଏବଂ ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ସମସ୍ତ ବିଭାଗ ବୁଲି ଦେଖିଥିଲେ । ସକାଳବେଳା ବିଶେଷଜ୍ଞ ଚିକିତ୍ସକମାନଙ୍କୁ ଦେଖିବାକୁ ମିଳିଥିଲା ବେଳେ ସନ୍ଧ୍ୟାରେ ସ୍ଥାନୀୟ ଏମବିବିଏସ ଡାକ୍ତରମାନଙ୍କୁ ଦେଖିବାକୁ ମିଳୁଛି । ଜରୁରୀକାଳୀନ ଚିକିତ୍ସା ପାଇଁ ସର୍ଜରୀ, ମେଡିସିନ୍, ଅର୍ଥପେଡିକ୍ ଆଦି ବିଶେଷଜ୍ଞ ପ୍ରାୟତଃ ରହୁନଥିବାର ଜଣାଯାଏ । କିଛିଦିନ ପୂର୍ବେ ପୁରୀରୁ ଆସୁଥିବା ପର୍ଯ୍ୟଟକ ଜାତୀୟ ରାଜପଥର ସେରଗଡଠାରେ ଦୁର୍ଘଟଣାର ଶିକାର ହୋଇ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଆହତମାନେ ଠିକ୍ ଭାବେ ଚିକିତ୍ସା ପାଇନଥିବାର ଅଭିଯୋଗ ହୋଇଥିଲା । ଡାକ୍ତରଖାନାରେ କେବଳ କିଛି ଘରୋଇ ସିକ୍ୟୁରିଟି ସଂସ୍ଥାର କର୍ମଚାରୀମାନେ ଜଗି ରହିଥିଲାବେଳେ ଡାକ୍ତର ଓ ଅନ୍ୟାନ୍ୟ ସହଯୋଗୀମାନଙ୍କର ଅଭାବ ପରିଲକ୍ଷିତ ହେଉଛି । ବିଶେଷ କରି ଡାକ୍ତରଖାନାରେ ଆବଶ୍ୟକୀୟ ପରିମାଣରେ ଔଷଧ ନଥିବା ଯୋଗୁଁ ଲୋକମାନେ ବାଧ ହୋଇ ଚଢା ଦାମରେ ଔଷଧ କିଣୁଛନ୍ତି । ଯାହା ଜଣାଯାଏ ଯେ କିଛି ଔଷଧର ସମୟ ସୀମା ସରିଯାଉଥିଲାବେଳେ ଏସବୁକୁ ନଷ୍ଟ କରାଯାଉଛି । ଅଥଚ ପ୍ରକୃତ ଗରିବ ହିତାଧିକାରୀ ଲୋକମାନଙ୍କୁ ଔଷଧ ମିଳୁନାହିଁ । ନାମକୁ ମାତ୍ର ବାଲେଶ୍ୱର ଜିଲ୍ଲାପାଳ, ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଡାକ୍ତରଖାନା ପରିସରକୁ ଆସି ରୋଗୀସେବା ତଦାରଖ କରୁଥିଲା ବେଳେ କିଭଳି ବିଶେଷଜ୍ଞମାନେ ଆସିବେ ଓ ଔଷଧପତ୍ର ମିଳିବ ସେ ଦିଗରେ କାହାରି ନଜର ନାହିଁ । ଖାଲି ସଚିବଙ୍କ ଗସ୍ତ ହେଲେ ଅବସ୍ଥାର ସୁଧାର ଆସିବ ନାହିଁ । ବାସ୍ତବ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଘୋଷଣାନାମା ଅନୁଯାୟୀ ରୋଗୀମାନଙ୍କୁ ସବୁପ୍ରକାର ସୁବିଧା ଦେବା ଦିଗରେ ଯତ୍ନବାନ ହେଲେ ଯାଇ ଅବସ୍ଥାରେ ସୁଧାର ଆସିପାରିବ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଉତ୍କଳ ଆଲୁମିନାରେ ସୁରକ୍ଷା ମକ୍ ଡ୍ରିଲ୍ ଅନୁଷ୍ଠିତ



ଭୁବନେଶ୍ୱର: ଡିଷ୍ଟ୍ରିକ୍ଟ କ୍ରାଇସିସ୍ ଗ୍ରୁପ୍ (ଡିସିଜି)ର ନିଷ୍ପତିକୁ ପାଳନ କରି ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନି ଉତ୍କଳ ଆଲୁମିନା ଇଂଟରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ)ର ଆଲୁମିନା ରିଫାଇନାରି କାରଖାନାରେ ଆଜି ଏକ ସମ୍ପୂର୍ଣ୍ଣ ସୁରକ୍ଷା ମକ୍ ଡିଲ୍ (ସୁରକ୍ଷା ଅଭ୍ୟାସ) ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରକାର ଜରୁରୀକାଳୀନ ପରିସ୍ଥିତି ପାଇଁ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବା ଏବଂ ଶିଳ୍ପ ଦୁର୍ଘଟଣାରୁ ବଂଚିବା ଏବଂ ଏଡ଼ାଇବା ଲାଗି ସେମାନଙ୍କୁ ଜଣାଇବା ଏବଂ ପ୍ରଶିକ୍ଷଣ ପ୍ରଦାନ କରିବା ଉଦ୍ଦେଶ୍ୟରେ କଂପାନି ପକ୍ଷରୁ ନିୟମିତ ଏଭଳି ସୁରକ୍ଷା ମକ୍ ଡ୍ରିଲ୍ ଆୟୋଜନ କରାଯାଇଥାଏ।ଏହାକୁ ନିରୀକ୍ଷଣ କରିଥିଲେ ଡିଜିସିର ସଦସ୍ୟମାନେ ଏବଂ ରାୟଗଡ଼ା ଜିଲ୍ଲାର ସଂପୃକ୍ତ ସରକାରୀ ଅଧିକାରୀମାନେ ଯଥା ଶ୍ରୀଯୁକ୍ତ ରଣଜିତ ନାୟକ, ସହକାରୀ ନିର୍ଦ୍ଦେଶକ, ଫ୍ୟାକଟରି ଆଣ୍ଡ ବଏଲର, ଶ୍ରୀଯୁକ୍ତ କେ ସୋମାନି, ରାୟଗଡ଼ା ଜିଲ୍ଲା ଅଗ୍ନି ସୁରକ୍ଷା ଅଧିକାରୀ, ଏଫ ଆଣ୍ଡ ଏସ ଶ୍ରୀଯୁକ୍ତ ଏମଡି ଅଭେଶ, ବରିଷ୍ଠ ଅଧିକାରୀ, ଜେକପିଏମ, ଶ୍ରୀଯୁକ୍ତ ଡି କେ ସାମଲ, ମୁଖ୍ୟ ସୁରକ୍ଷା ଅଧିକାରୀ, ଜେକେପିଏମ ଓ ଆରଆର ବିଶ୍ୱାଳ, ପ୍ରବନ୍ଧକ-ସୁରକ୍ଷା, ଜେକେପିଏମ, ଶ୍ରୀଯୁକ୍ତ ଏ କେ ଖିଲୋ, ଏଏସଆଇ, ଡୋରାଗୁଡ଼ା ପୋଲିସ ଷ୍ଟେସନ ମଧ୍ୟ ନିରୀକ୍ଷକ ଭାବେ ଏହି ଅଭିଯାନରେ ଯୋଗ ଦେଇଥିଲେ। ଏହି ମକ ଡ୍ରିଲରେ କଂପାନିର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ଏଥିରେ ୟୁନିଟ ମୁଖ୍ୟ ଓ ସଭାପତି, ୟୁଏଆଇଏଲ,ଶ୍ରୀଯୁକ୍ତ ଏନ ନାଗେଶଙ୍କ ଉପସ୍ଥିତିରେ କଂପାନିର ଅଧିକାରୀ ଶ୍ରୀଯୁକ୍ତ କୌଶିକି, ଜିଏମ-ବୈଷୟିକ ରିଫାଇନାରି ପରିଚାଳନା ଓ ଏଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାର ପ୍ରକ୍ରିୟା ବିଷୟରେ ସମସ୍ତ ଆନ୍ତଃ ଓ ବାହ୍ୟ ଟିମକୁ ବିବରଣୀ ପ୍ରଦାନ କରିଥିଲେ।

ଟିମ, ନିରୀକ୍ଷକ ଓ ସରକାରୀ ଅଧିକାରୀଙ୍କୁ ବିବରଣୀ ପ୍ରଦାନ କରିବା ବେଳେ କଂପାନିର ୟୁନିଟ ମୁଖ୍ୟ ଓ ସଭାପତି ଏନ ନାଗେଶ କହିଛନ୍ତି ଯେ, ସୁରକ୍ଷା ଓ ନିରାପତା ଦୃଷ୍ଟିରୁ ଏଭଳି ମକ ଡ୍ରିଲ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ସମସ୍ତ କର୍ମଚାରୀଙ୍କୁ ଏଭଳି ସ୍ଥିତି ଲାଗି ପ୍ରସ୍ତୁତ ରଖିବାରେ ସହାୟକ ହୋଇଥାଏ। ସେ ଏହି ଅବସରରେ ଉଲ୍ଲେଖ କରିଛନ୍ତି ଯେ ସୁରକ୍ଷା ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲାରେ ଉନ୍ନତି ଆଣିବା ଲାଗି ମକ ଡ୍ରିଲ ଅବସରରେ ବାହ୍ୟ ଟିମ ଯେଉଁ ନିରୀକ୍ଷଣ କରିଛନ୍ତି ସେଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ।ଫ୍ୟାକଟରି ଆଣ୍ଡ ବଏଲରର ସହକାରୀ ନିର୍ଦ୍ଦେଶକ, ରାୟଗଡ଼ା ଶ୍ରୀଯୁକ୍ତ ଆର କେ ନାଏକ କହିଛନ୍ତି ଯେ ଅଗ୍ନି ଓ ସୁରକ୍ଷା ମକ ଡ୍ରିଲ ବେଳେ ବିଭିନ୍ନ ଟିମ ଭିତରେ ସମନ୍ୱୟ ରହିବା ନିହାତି ଜରୁରୀ, କାରଣ ଏଭଳି ମାମଲାରେ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏଥିରେ ଜୀବନ ଓ ସଂପତି ଜଡ଼ିତ ରହିଥାଏ ବୋଲି ଏହି ମକ ଡ୍ରିଲରୁ ଜଣାପଡ଼ିଛି। ଜଣଙ୍କୁ ପ୍ରଥମେ ନିଜକୁ ବଂଚାଇବା ଲାଗି ଯଥେଷ୍ଟ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ ଏବଂ ଏହା ପରେ ଅନ୍ୟ ଲୋକ ଓ ସଂପତିକୁ ବଂଚାଇବାକୁ ପଡ଼ିବୟ ଏଭଳି ପ୍ରାକ ପ୍ରସ୍ତୁତି ଦ୍ୱାରା ଅଧିକ ଜୀବନ ବଂଚାଇହେବ।''ଶ୍ରୀଯୁକ୍ତ ସୋମାନି, ଜିଲ୍ଲା ଅଗ୍ନି ସୁରକ୍ଷା ଅଧିକାରୀ, ରାୟଗଡ଼ା କଂପାନିର କର୍ମଚାରୀ ଏବଂ ସାରା ଟିମଙ୍କ ଏହି ମକ ଡ୍ରିଲରେ ସଂପୃକ୍ତ ହେବାର ଉଦ୍ୟମକୁ ପ୍ରଶଂସା କରିଥିଲେ। ନିଜର ମତାମତ ପ୍ରଦାନ କରିବା ବେଳେ ଏଭଳି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଆୟୋଜନ କରିବାର ଗୁରୁବ ବିଷୟରେ ସେ ଆଲୋଚନା କରିଥିଲେ କାରଣ ଅଭ୍ୟାସ ପ୍ରକ୍ରିୟା ବାସ୍ତବ ସଙ୍କଟକୁ ସାମ୍ନା କରିବାରେ ଟିମକୁ ଅଧିକ ସଜାଗ କରିଥାଏ।

ନିରୀକ୍ଷକ ଭାବେ ଯୋଗ ଦେଇଥିବା ଶ୍ରୀଯୁକ୍ତ ଏମଡି ଅଭେଶ, ବରିଷ୍ଠ ଅଧିକାରୀ, ଏଫ ଆଣ୍ଡ ଏସ, ଜେ କେ ପେପର ମିଲ୍ସ ଜରୁରୀକାଳୀନ ସ୍ଥିତି ଲାଗି ପ୍ରସ୍ତୁତ ରହୁଥିବା ଟିମକୁ ଜଣାଇଥିଲେ ଯେ ତେଲ ସଂପର୍କିତ ଅଗ୍ନିକାଣ୍ଡ ବେଳେ କେଉଁ ଭଳି ଫୋମ ବ୍ୟବହାର କରାଯିବା ଦରକାର ଏବଂ ନୂତନ ଏବଂ ଆଧୁନିକ ପ୍ରଯୁକ୍ତି ଏବଂ ବ୍ୟବସ୍ଥା ଦ୍ୱାରା ଏଭଳି ମାମଲାକୁ ସଠିକ ଢଙ୍ଗରେ ମୁକାବିଲା କରାଯାଇପାରିବ।ଜରୁରୀକାଳୀନ କଂଟ୍ରୋଲ ରୁମରେ ନିରୀକ୍ଷକ ଭାବେ ଯୋଗ ଦେଇଥିବା ଶ୍ରୀଯୁକ୍ତ ସାମଲ, ମୁଖ୍ୟ ସୁରକ୍ଷା ଅଧିକାରୀ, ଜେ କେ ପେପର ମିଲ୍ସ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ ଓ କେତେକ ପରାମର୍ଶ ପ୍ରଦାନ କରିଥିଲେ ଯାହାକୁ ଟିମ ଗ୍ରହଣ କରିଥିଲା।ଶେଷରେ, ଶ୍ରୀଯୁକ୍ତ ଜୟ ତିୱାରୀ, ଜିଏମ ଓ ମୁଖ୍ୟ ସୁରକ୍ଷା ଅଧିକାରୀ, ୟୁଏଆଇଏଲ ଏହି ମକ ଡ୍ରିଲକୁ ଠିକ ସମୟରେ ଓ ପ୍ରଭାବଶାଳୀ ଢଙ୍ଗରେ ଆୟୋଜନ କରିଥିବାରୁ ସମସ୍ତ ଟିମକୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ଏହାକୁ ନିରୀକ୍ଷଣ କରିବା ଏବଂ ମୂଲ୍ୟବାନ ମତାମତ ପ୍ରଦାନ କରିଥିବାରୁ ସମସ୍ତ ସରକାରୀ ଅଧିକାରୀ ଏବଂ ନିରୀକ୍ଷକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଗୋଦରେଜ ଆଣ୍ଡ ବୋଏସ ପକ୍ଷରୁ ଶିଶୁ ପୁସ୍ତକ 'ମେନି ସିକ୍ରେଟସ ଅଫ ମ୍ୟାନଗ୍ରୋଭସ' ଉନ୍ମୋଚିତ



ମୁମ୍ବାଇ,(ପିଏନ): ଗୋଦରେଜ ଆଣ୍ଡ ବଏସ ପକ୍ଷରୁ ବିଶିଷ୍ଟ ଶିଶୁ ଲେଖିକା କାଟି ବଗଲିଙ୍କ ସହଯୋଗିତାରେ 'ମେନି ସିକ୍ରେଟସ ଅଫ ମ୍ୟାନଗ୍ରୋଭସ' ନାମକ ନୂତନ ପୁସ୍ତକ ପ୍ରସ୍ତୁତ କରାଯାଇଛି। ପରିବେଶ ସଂରକ୍ଷଣ ଓ ହେନ୍ତାଳ ବଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି କଂପାନି ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଏହି ପୁସ୍ତକ ହେଉଛି ଅନ୍ୟତମ। ବିଶିଷ୍ଟ ପରିବେଶ ପ୍ରେମୀ ଡକ୍ଟର ଫିରୋଜା ଗୋଦରେଜ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି ଯାହାକୁ ସେ ପରିବେଶ ପ୍ରତି ଅଭିଳାଷୀ ଥିବା ବ୍ୟକ୍ତି ନାଭାଲ ପିରୋଜସା ଗୋଦରେଜଙ୍କ ସ୍ମୃତି ପ୍ରତି ଉତ୍ସର୍ଗ କରିଛନ୍ତି। ପ୍ରଦୂଷଣ ଓ ପ୍ରାକୃତିକ ବିର୍ଯ୍ୟୟକୁ ରୋକିବାରେ ହେନ୍ତାଳବଣର ଗୁରୁତ୍ୱ ବିଷୟରେ ଲେଖିକା କାଟି ବଗଲି ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି, ଆମକୁ ଗୋଟିଏ ଜୀବନ ମିଳିଛି ଏବଂ ଆମେ ଏଭଳି ଶ୍ରେଷ୍ଠ ଢଙ୍ଗରେ ବଂଚିବା ଦରକାର ଯଦ୍ୱାରା ଆମ ଭବିଷ୍ୟତ ପିଢି ମଧ୍ୟ ପ୍ରକୃତିର ଏହି ଉପହାରକୁ ଉପଭୋଗ କରି ।ରିବେ। ଆମେ ଆମର ପିଲାମାନଙ୍କୁ ପରିବେଶର ସୁରକ୍ଷା ବିଷୟରେ ଜଣାଇବା ଦରକାର କାରଣ ଡିଜିଟାଲ ଓ ସାମାଜିକ ଗଣମାଧ୍ୟମର ମାତ୍ରାଧିକ ପ୍ରଭାବ ଥିବା ଯୁଗରେ ସେମାନେ ଏବିଷୟରେ ମଧ୍ୟ ଅବଗତ ହୋଇପାରିବେ। ଏହି ପୁସ୍ତକକୁ ପ୍ରସ୍ତୁତ କରିବା ଲାଗି ଗୋଦରେଜ ସହିତ କାମ କରିଥିବାରୁ ମୁଁ ବହୁତ ଖୁସି। ଆମେ ଆଶା କରୁଛୁ ଯେ ପିଲାମାନେ ଏହି ପୁସ୍ତକକୁ ପଢି ସେଥିରେ ଥିବା ଜ୍ଞାନକୁ ନିଜ ବନ୍ଧୁମାନଙ୍କ ସହ ବାଂଟି ।ରିବେ।'' ଏହି ଅବସରରେ ଡକ୍ଟର ଫିରୋଜା ଗୋଦରେଜ କହିଛନ୍ତି ଯେ, ''ଆମ ଦେଶର ପ୍ରଗତିରେ ପିଲାମାନେ ବେଶ ଗୁରୁବପୂର୍ଣ୍ଣ। ସେମାନେ ଯେଭଳି ଦାୟିତ୍ୱବାନ ଭାବେ ବ୍ୟବହାର କରିବେ ସେଥି ।ଇଁ ସେମାନଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ କରିବା କ୍ଷେତ୍ରରେ ଅଭିଭାବକ ଓ ଶିକ୍ଷକ ଭାବେ ଆମକୁ ଆମ ଭୂମିକା ର୍ନିବାହ କରିବାକୁ ପଡ଼ିବ। ଯୁବ ପିଢ଼ିଙ୍କୁ ସଚେତନ କରିବା ଲାଗି କାଟି ବଗଲିଙ୍କ ସହ ମିଶି ଆମେ ଏହି ପୁସ୍ତକ ପ୍ରସ୍ତୁତ କରିବାକୁ ଉଦ୍ୟମ କରିଛୁ। ଆମେ ଆଶା କରୁଛୁ ଯେ ଯେଉଁ ପିଲାମାନେ ଏହି ପୁସ୍ତକ ପଢ଼ିବେ ସେମାନେ ପରିବେଶକୁ ସୁରକ୍ଷା କରୁଥିବା ଚରିତ୍ରଙ୍କୁ ଭଲ ପାଇବେ।'' ପୁସ୍ତକ ଉନ୍ମୋଚନ ଅବସରରେ ଶ୍ରୀଯୁକ୍ତ ଅନୁ ମାଥ୍ୟୁ, ଇର୍ଭି ଓ ବ୍ୟବସାୟ ମୁଖ୍ୟ, ଗୋଦରେଜ ଆଣ୍ଡ ବଏସ କହିଛନ୍ତି ଯେ, 'ଏହା ଦେଖିବାକୁ ମିଳୁଛି ଯେ ଅନେକ ଦେଶ ପରିବେଶ ପରିବର୍ତନର ବର୍ଦ୍ଧିତ ପ୍ରଭାବକୁ ଭୋଗୁଛନ୍ତି। ଉଭୟ ପ୍ରାପ୍ତବୟସ୍କ ଓ ପିଲାମାନେ ପରିବେଶ ବିଷୟରେ ସଚେତନ ହେବା ଦରକାର। ପିଲାମାନେ ଆମ ଦେଶର ଅର୍ଥନୀତିକୁ ରୂ ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଆମେ ଆଶା କରୁଛୁ ଯେ ଏହି ପୁସ୍ତକ ମାଧ୍ୟମରେ ପିଲାମାନେ ହେନ୍ତାଳ ବଣର ଗୁରୁବକୁ ଜାଣି ।ରିବେ।'' ଏହି ପୁସ୍ତକ ସମ୍ପୂର୍ଣ୍ଣ ମାଗଣା ଏବଂ ଏହା ମ୍ୟାନଗ୍ରୋଭସ.ଗୋଦରେଜ.କମ ୱେବସାଇଟରେ ଉପଲବ୍ଧ ହେଉଛି।

# ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ ଡାକ୍ତରମାନଙ୍କ ଦ୍ୱାରା ବିରଳ ଅସ୍ତ୍ରୋପଚାର

## ବୟସ୍କ ରୋଗୀଙ୍କ ଶରୀରରୁ ଥୋରାସିସ୍ ଏନ୍ୟୁରିଜମ୍ ବାହାରକରି ଏକ ସିନ୍ଥେଟିକ୍ ଗ୍ରାଫ୍ଟନ୍‌ର ପ୍ରତିରୋପଣ



ଭୁବନେଶ୍ୱର: ତ୍ରିଲୋଚନ ଜେନା ନାମକ ଜଣେ ୬୨ ବର୍ଷ ବୟସର ରୋଗୀ, ଗତ ଦୁଇ ମାସହେବ ପୁରୁଣା ପିଠି ଯନ୍ତ୍ରଣାରେ ପୀଡିତ ଥିଲେ ଏବଂ ତାଙ୍କୁ ଭୁବନେଶ୍ୱରର ପ୍ରମୁଖ ବିଆର୍ ଲାଇଫ୍ କଳିଙ୍ଗ ସୁପର୍ ସ୍ପେଶାଲିଟି ହସ୍ପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ପ୍ରାରମ୍ଭିକ ପରୀକ୍ଷଣ ଓ ସିଟିସ୍କାନ ପରେ ତାଙ୍କର ସେଣ୍ଟ୍ରାଲ ଆର୍ଓଟା (ହୃଦୟରୁ ଶରୀରର ଅନ୍ୟ ଭାଗକୁ ରକ୍ତ ପଠାଉଥିବା ବୃହତ୍ତ ଧମନୀ)ର ଆକାର ସାଧାରଣ ଆକାର ୨.୫ ସେ.ମି ତୁଳନାରେ ୭ ସେମିକୁ ବୃଦ୍ଧି ପାଇଥିବା ଜଣାପଡିଥିଲା। ଏହି ଆକାର ୫ସେ.ମିରୁ ଅଧିକ ବୃଦ୍ଧିହେଲେ ତାହା ଆର୍ଓର୍ଟାକୁ ଫଟାଇବାଭଳି ବିପଦ ସୃଷ୍ଟି କରିଥାଏ। ଏକ ଥୋରାସିସ୍ ଆର୍ଓର୍ଟିକ୍ ଏନ୍ୟୁରିଜମ୍ ଯୋଗୁ ଧମନୀର ବାହ୍ୟ ଆବରଣ ଚିରିହେବାର ସମ୍ଭାବନା ରହିଥାଏ ଏବଂ ଏହା ଶରୀରରେ ଆଭ୍ୟନ୍ତରୀଣ ରକ୍ତ ସ୍ରାବର କାରଣ ହୋଇଥାଏ। ଏନ୍ୟୁରିଜମ୍ ଯେତେବଡ ହୋଇଥାଏ ଫାଟିବାର ରିସ୍କ ସେତେ ଅଧିକ ରହିଥାଏ।

ପରୀକ୍ଷଣ ପରେ ତ୍ରିଲୋଚନଙ୍କୁ ତୁରନ୍ତ ବିଆର୍ ଲାଇଫ୍ କଳିଙ୍ଗ ସୁପର ସ୍ପେଶାଲିଟି ହସ୍ପିଟାଲର ସିଟିଭିଏସ୍ ନିର୍ଦ୍ଦେଶକ, ଡାକ୍ତର କରୁଣାକର ପାଢୀଙ୍କ ନିକଟକୁ ପଠାଯାଇଥିଲା, ଯେଉଁଠାରେ ଡାକ୍ତର ଏନ୍ୟୁରିଜମ୍‌କୁ ଅଧିକ ବଢିବାରୁ ସୁରକ୍ଷା ଦେବା ଓ ତାହାକୁ ଫାଟିବାରୁ ରୋକିବା ପାଇଁ ଥୋରାସିସ୍ ଏନ୍ୟୁରିଜମ୍‌କୁ ଅପରେଶନ ମାଧ୍ୟମରେ ବାହାର କରିଦେଇଥିଲେ ଓ ସେ ସ୍ଥାନରେ ସିନ୍ଥେଟିକ୍ ଗ୍ରାଫ୍ଟର ପ୍ରତିରୋପଣ କରିଥିଲେ।

ଏହି ଚିକିତ୍ସା ସମ୍ପର୍କରେ ଡ଼ାକ୍ତର କରୁଣାକର ପାଢୀ କହିଛନ୍ତିଯେ, "ପରୀକ୍ଷଣ ସମୟରେ ଗମ୍ଭୀର ପିଠି ଯନ୍ତ୍ରଣା ଭୋଗୁଥିବା ତ୍ରିଲୋଚନଙ୍କଠାରେ ଥୋରାସିସ୍ ଆର୍ଓର୍ଟା ଏନ୍ୟୁରିଜମ୍ ଓ କୋରୋନାରୀ ବ୍ଲକ୍‌ର ସମସ୍ୟା ଦେଖାଯାଇଥିଲା। ପ୍ରଥମେ ଆମେ କୋରୋନାରୀ ବ୍ଲକ୍‌କୁ ଔଷଧ ମାଧ୍ୟମରେ ଠିକ୍ କରିଥିଲୁ ଏବଂ ପରେ ରୋଗୀ ସାମାନ୍ୟ ସୁସ୍ଥହେବା ପରେ ଆମେ ଏକ ହାର୍ଟ-ଲଙ୍ଗ୍ ମେସିନ୍‌ର ବ୍ୟବହାରକରି ଆର୍ଓର୍ଟା ବାଇପାସ୍ ସହ ଓପନ୍ ହାର୍ଟ ସର୍ଜରୀ କରିଥିଲୁ। ଏହିହାର୍ଟ-ଲଙ୍ଗ୍‌ମେସିନ୍ ଥୋରାସିସ୍ ଏନ୍ୟୁରିଜମ୍‌ର ଉଚ୍ଛେଦ ଓ ସିନ୍ଥେଟିକ୍ ଗ୍ରାଫ୍ଟ ପ୍ରତିରୋପଣ ସମୟରେ ଶରୀରରେ ରକ୍ତ ସଂଚାଳନକୁ ଜାରିରଖିବା ପାଇଁ ବ୍ୟବହାର କରାଯାଇଥାଏ। ପ୍ରାୟ ୭ ଘଣ୍ଟା ଧରି ଏହି ଓପନ୍ ହାର୍ଟ ସର୍ଜରୀ ଜାରି ରହିଥିଲା। ରୋଗୀ ଜଣଙ୍କ ଏବେ ସୁସ୍ଥ ହେଉଥିବାବେଳେ ଖୁବ୍‌ଶୀଘ୍ର ସେ ଏକ ସାଧାରଣ ଜୀବନ ବଞ୍ଚିପାରିବେ। ତେବେ ତାଙ୍କୁ ନିଜ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ପଡିବ ଓ ଅଧିକ ଓଜନର ବସ୍ତୁ ଉଠାଇବାରୁ ନିବୃତ ରହିବାକୁ ପଡିବ।"

ଆଥେରୋସ୍ କ୍ଲେରୋସିସ୍ (ଧମନୀ ଅଧିକ ଶକ୍ତ ହୋଇଯିବା), ଅତ୍ୟଧିକ ଧୂମ୍ରପାନ, ପୁରୁଣା କିମ୍ବା ଚିକିତ୍ସିତ ହୋଇନଥିବା ଉଚ୍ଚ ରକ୍ତଚାପ କିମ୍ବା ଜନ୍ମଜାତ ଦିବ୍ୟାଙ୍ଗପରଭଳି ସ୍ଥିତି ରକ୍ତ ବାହିକାର ବାହ୍ୟ ଆବରଣକୁ ଦୁର୍ବଳ କରିବାର କ୍ଷମତା ରଖିଥାଏ; ଯାହା ଫଳରେ ସମୟ ସହ ଏହା ଅଧିକ ପତଳା ଓ ସନ୍ତୁଳିତ ହୋଇଥାଏ।

ଆର୍ଓର୍ଟା ଏନ୍ୟୁରିଜମ୍‌କୁ କିଭଳି ଚିହ୍ନଟ କରାଯାଇପାରିବ ସେସମ୍ପର୍କରେ ମତରଖି ବିଆର୍ ଲାଇଫ୍ କଳିଙ୍ଗ ସୁପର ସ୍ପେଶାଲିଟି ହସ୍ପିଟାଲର ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ, ଡ଼ାକ୍ତର ମଞ୍ଜିନ୍ଦର ଭଚ୍ଚି କହିଛନ୍ତି, "ଏନ୍ୟୁରିଜମ୍ ଅତ୍ୟଧିକ ବଡ ଆକାର ଧାରଣ ନକରିବା ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଇନଥାଏ। ଅନ୍ୟ କୌଣସି ଶାରୀରିକ ଅସୁସ୍ଥତାର ପରୀକ୍ଷଣ ସମୟରେ ମଧ୍ୟ ଏହା ଜଣାପଡିଥାଏ। ଯେତେବେଳେ ସେଗୁଡିକ ଲକ୍ଷଣ ଦେଖାଇବାଲାଗି ଅତ୍ୟଧିକ ବଡ ହୋଇଯାଇଥାନ୍ତି ସେତେବେଳେ ରୋଗୀ ଜଣଙ୍କ ଛାତି ଓ ପିଠିରେ ଯନ୍ତ୍ରଣା, ହୃଦୟ ସ୍ପନ୍ଦନରେ ପରିବର୍ତ୍ତନ, ଥକ୍କାପଣ, ମୁଣ୍ଡ ବୁଲାଇବା ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାଭଳି ଲକ୍ଷଣ ଅନୁଭବ କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଖରାପ ଯନ୍ତ୍ରଣାଭଳି ଅନୁଭବ ହେଉଥିବା ଅକସ୍ମାତ୍ ଗମ୍ଭୀର ପିଠି ଯନ୍ତ୍ରଣା ସାଧାରଣତଃ ଧମନୀର ବାହ୍ୟ ଆବରଣ ଚିରିଯିବା କିମ୍ବା ଫାଟିଯିବାର ସଙ୍କେତ ଦେଇଥାଏ ଏବଂ ଏହା ଏକ ଗମ୍ଭୀର ଜରୁରୀକାଳୀନ ଚିକିତ୍ସା ସମସ୍ୟା ହୋଇଥାଏ। ଯଦି ଏଭଳି କୌଣସି ଲକ୍ଷଣ ଦେଖାଯାଇଥାଏ ତେବେ ସମୟରେ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯିବା ଉଚିତ।

ତାଙ୍କ ଜୀବନ ବଞ୍ଚାଇଥିବାରୁ ଡାକ୍ତର ଓ ହସ୍ପିଟାଲକୁ ଧନ୍ୟବାଦ ଦେଇ ତ୍ରିଲୋଚନ ଜେନା କହିଛନ୍ତିଯେ, " ମୁଁ ଅଧିକ ବୟସ କାରଣରୁ ଏଭଳି ହେଉଥିବାଭାବି ମୋର ପିଠି ଯନ୍ତ୍ରଣାକୁ ଅଣଦେଖା କରୁଥିଲି। କିନ୍ତୁ ସମୟରେ ହସ୍ପିଟାଲକୁ ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇବା ଓ ଅଧିକ ବିଳମ୍ବ ହେବା ପୂର୍ବରୁ ନିଜର ଚିକିତ୍ସା କରାଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ମୁଁ ଡାକ୍ତର ମାନଙ୍କୁ ଓ ଅନ୍ୟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଉଛି ଯେଉଁମାନେ ହସ୍ପିଟାଲ ରହଣୀ ସମୟରେ ମୋର ଯତ୍ନ ନେବାସହ ମୋତେ ସହଯୋଗ କରିଥିଲେ।

# ଓଡ଼ିଶାରେ ସେସୁ ବିଦ୍ୟୁତ ବିତରଣର ଅଧିଗ୍ରହଣ ପାଇଁ "ଲେଟର ଅଫ ଇନଟେଂଟ୍" ପାଇଲା ଟାଟା ପାୱାର

ଭୁବନେଶ୍ୱର, (ପିଏନ): ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ପକ୍ଷରୁ ଟାଟା ପାୱାର କଂପାନି ଲିମିଟେଡ୍‌କୁ ଲେଟର ଅଫ ଇନଟେଂଟ୍ ପ୍ରଦାନ କରାଯିବା ସହିତ ସୂଚିତ କରାଯାଇଛି ଯେ କଂପାନିର ସଫଳତାର ସହିତ ଓଡ଼ିଶାର ପାଂଚଟି ସର୍କଲ ଯାହାକୁ ସେଂଟ୍ରାଲ୍ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି ଅଫ ଓଡ଼ିଶା (ସେସୁ) ଗଠିତ ହୋଇଛି ତାହାର ବିଦ୍ୟୁତ ବିତରଣ ଓ ଖୁଚୁରା ଯୋଗାଣର ଲାଇସେନ୍ସକୁ ନିଲାମରେ ସଫଳ ବିଡର୍ ଭାବେ ହାସଲ କରିଛି। ସେସୁ ଗଠିତ ହୋଇଥିବା ଏହି ପାଂଚଟି ବିଦ୍ୟୁତ ସର୍କଲର ଅଂଚଳଗୁଡ଼ିକ ହେଉଛି ଭୁବନେଶ୍ୱର (ଇଲେକ୍ଟ୍ରିକାଲ୍ ସର୍କଲ ୧ ଓ ୨), କଟକ, ପାରାଦୀପ ଓ ଢେଙ୍କାନାଳ। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୫ ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ କରାଯିବ। ସେସୁ ୩୦,୦୦୦ ବର୍ଗ କିମି ଅଂଚଳରେ ପରିବ୍ୟାପ୍ତ ଏବଂ ଏହା ଅଧୀନରେ ୧.୪ କୋଟି ଲୋକ ରହିଛନ୍ତି ଏବଂ ଏହାର ଗ୍ରାହକ ସଂଖ୍ୟା ହେଉଛି ୨.୫ ନିୟୁତ। ସେସୁର ହାରାହାରି ଚାହିଦା ପ୍ରାୟ ୧୩୦୦ ମେଗାୱାଟ ହୋଇଥିବା ସହିତ ବାର୍ଷିକ ଇନପୁଟ ଶକ୍ତି ପରିମାଣ ହେଉଛି ୮୪୦୦ ଏମୟୁ (୨୦୧୮ ଆର୍ଥିକ ବର୍ଷ)। ବର୍ତମାନ, ଟାଟା ପାୱାରର ମୋଟ ୨.୫ ନିୟୁତ ଗ୍ରାହକ ମୁମ୍ବାଇ, ଦିଲ୍ଲୀ ଓ ଆଜମେର୍‌ରେ ଅଛନ୍ତି ଏବଂ ସେସୁ ଅଧିଗ୍ରହଣ ପରେ ଏହାର ଗ୍ରାହକ ସଂଖ୍ୟା ଦ୍ୱିଗୁଣିତ ହେବ ଏବଂ ଗ୍ରାହକ ସଂଖ୍ୟା ୫ ନିୟୁତ ଛୁଇଁବ। ଟାଟା ପାୱାରକୁ ସେସୁର ପ୍ରସ୍ତାବିତ ବିକ୍ରି ଏକ ସ୍ପେସିଆଲ ପରପସ୍ ଭେଇକିଲ୍ (ଏସପିଭି) ଗଠନ କରି କରାଯିବ। ଟାଟା ପାୱାର ପକ୍ଷରୁ ସୂଚିତ କରାଯାଇଛି ଯେ ଏହି ପ୍ରସ୍ତାବିତ ଏସପିଭିରେ ଓଡ଼ିଶା ସରକାରଙ୍କ ୪୯% ଓ ଟାଟା ପାୱାର ପାଖରେ ଏହାର ପରିଚାଳନା ସହିତ ୫୧% ଅଂଶଧନ ରହିବ। "ଦେଶର ବିଦ୍ୟୁତ ଉତ୍ପାଦନ, ପରିବହନ ଏବଂ ବିତରଣ କ୍ଷେତ୍ରରେ ଟାଟା ପାୱାରର ଅନେକ ସଫଳ ଘରୋଇ ସରକାରୀ ସହଭାଗିତା ରହିଛି। ଡିସକମଗୁଡ଼ିକ ସହିତ ଘରୋଇ ସରକାରୀ ସହଭାଗିତା (ପି͡͡) ଜରିଆରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ଉପସ୍ଥିତି ବଢ଼ାଇବା ଉପରେ କଂପାନି ଗୁରୁତ୍ୱାରୋପ କରୁଛି। ବିତରଣ ବ୍ୟବସାୟରେ ସେସୁ ସହିତ ହୋଇଥିବା ସହବନ୍ଧନ ହେଉଛି ଏ କ୍ଷେତ୍ରରେ ସଦ୍ୟତମ ବୋଲି ଶ୍ରୀଯୁକ୍ତ ପ୍ରବୀର ସିହ୍ନା, ସିଇଓ ଏବଂ ଏମଡି, ଟାଟା ପାୱାର କହିଛନ୍ତି। "ଚବିଶ ଘଂଟିଆ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ଅତୁଳନୀୟ ଗ୍ରାହକ ସେବା ସହିତ ଦିଲ୍ଲୀ, ମୁମ୍ବାଇ ଓ ଆଜମେର୍‌ରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ଆମର ରହିଥିବା ଅଭିଜ୍ଞତାକୁ ବ୍ୟବହାର କରି ବ୍ୟାପକ ସାମାଜିକ ସଂପୃକ୍ତି ଜରିଆରେ ଆମେ ଓଡ଼ିଶାର ବିତରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଆଶା ରଖିଛୁ ବୋଲି ଶ୍ରୀଯୁକ୍ତ ସଂଜୟ ବାଂଗା, ସଭାପତି, ଟିଆଣ୍ଡଡି, ଟାଟା ପାୱାର କହିଛନ୍ତି। ବିଦ୍ୟୁତ ବିତରଣ କ୍ଷେତ୍ରରେ ଟାଟା ପାୱାରର ବ୍ୟାପକ ଅଭିଜ୍ଞତା ରହିଥିବା ବେଳେ ଏହାର ଉପସ୍ଥିତି ମୁମ୍ବାଇ, ଦିଲ୍ଲୀ ଓ ଆଜମେର୍‌ରେ ରହିଛି। ଦିଲ୍ଲୀରେ ଟାଟା ପାୱାର ମାନଦଣ୍ଡ ସୃଷ୍ଟିକାରୀ ପ୍ରଦର୍ଶନକାରୀ ହୋଇଥିବା ବେଳେ ୨୦୦୨ରେ ଦିଲ୍ଲୀ ବିଦ୍ୟୁତ ବୋର୍ଡର ଘରୋଇକରଣ ସମୟରେ ସମାନ ଧରଣର ପି͡ ମଡେଲ ଗଠନ କରାଯାଇଥିଲା। ୨୦୦୨ରେ ୫୩% ଭଳି ଉଚ୍ଚ ସ୍ତରରେ ଥିବା ଏଟି ଆଣ୍ଡ ସି କ୍ଷତିକୁ ପ୍ରାୟ ୮% ପର୍ଯ୍ୟନ୍ତ ହ୍ରାସ କରାଯାଇଛି।

# ଟ୍ରକ-ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା, ମାଆ ପୁଅ ମୃତ, ଦୁଇ ଗୁରୁତର

କୋରେଇ,(ପିଏନ)- ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଚ୍ଚତର ଚିକିତ୍ସା ଲାଗି କଟକ ବଡ଼ ମେଡ଼ିକାଲକୁ ରୋଗୀ ଆମ୍ବୁଲାନ୍ସ ଯୋଗେ ଯାଉଥିବା ବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ଠାରେ ରବିବାର ଅପରାହ୍ନ ସାଢେ ଗୋଟାଏ ବେଳେ ଏକ ଟ୍ରକ ସହିତ ୧୦୮ ଆମ୍ବୁଲାନ୍ସର ମୁହାମୁହିଁ ଧକ୍କା ହେବା ଫଳରେ ରୋଗୀ ଓ ତାଙ୍କର ସମ୍ପର୍କୀୟ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥବା ବେଳେ ଆମ୍ବୁଲାନ୍ସର ଚାଳକ ଓ ଫାର୍ମାସିଷ୍ଟ ଗୁରତର ଭାବେ ଯାଜପୁର ମୁଖ୍ୟ ଡ଼ାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର ହୋଇଛନ୍ତି କିନ୍ତୁ ଆମ୍ବୁଲାନ୍ସର ହେଲପର ଅଳ୍ପକେ ବଂଚି ଯାଇଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରବିବାର ଅପରାହ୍ନ ସାଢେ ବାରଟା ସମୟରେ ଏକ ୧୦୮ ଆମ୍ବୁଲାନ୍ସ(ଓଡ଼ି୦୨-ଏଫ ୮୪୪୭) ହୃଦଘାତରେ କୋମାରେ ଥିବା ଭଦ୍ରକ ଜାନୁଗଂଜର ସୁଶିଳାବାଳା ମହାପାତ୍ର(୮୦)ଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଉଥିବା ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ଠାରେ ସମ୍ମୁଖ ଭାଗରୁ ଆସୁଥିବା ଏକ ଟ୍ରକ (ଟିଏନ୨୮ପି୧୪୯୧) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାଟି ଏତେ ଜୋରରେ ହୋଇଥିଲାଯେ ଆମ୍ବୁଲାନ୍ସଟିର ପଛପଟ ଉପରକୁ ଉଠି ପୁଣି କଚାଡ଼ି ହୋଇପଡ଼ିଥିଲା। ଫଳରେ ସେଥିରେ ଥିବା ରୋଗୀ ଓ ତାଙ୍କର ପୁଅ ପ୍ରକାଶ (୪୫)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଆମ୍ବୁଲାନ୍ସର ଫାର୍ମାଶିଷ୍ଟ ରାଜା ନାୟକ, ଆଟେଂଡାଣ୍ଟ ଜଗନ୍ନାଥ ଜେନା ଓ ଚାଳକ ସଂଜୟ ପାଢୀ ଗୁରତର ଭାବେ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ସହିତ ଆମେ ବିପଦରେ ସାଥିର ସଦସ୍ୟ ଓ ନିକଟସ୍ଥ ଗ୍ରାମବାସୀ ମାନେ ପହଂଚି ମୃତାହତ ମାନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ପୂର୍ବତନ ସରପଞ୍ଚ ମାୟାଧର ପରିଡ଼ାଙ୍କ ପରଲୋକ



ଭୁବନେଶ୍ୱର,(ପିଏନ) : ମଞ୍ଚେଶ୍ୱର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପଳାଶୁଣି ଗ୍ରାମ କମିଟିର ପୂର୍ବତନ ସଭାପତି, ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର, ଓଡ଼ିଶା ଠିକାଦାର ସଂଘର ପୂର୍ବତନ କର୍ମକର୍ତ୍ତା ମାୟାଧର ପରିଡ଼ାଙ୍କ ଗତ ୧୫ ତାରିଖରେ ୮୬ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଶ୍ରୀ ପରିଡ଼ା ବିଭିନ୍ନ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ସଂଗଠନ ସହ ନିଜକୁ ଜଡ଼ିତ କରିବା ସହ ଅଞ୍ଚଳର ବିଭିନ୍ନ ନ୍ୟାୟ ନିଶାପରେ ଯୋଗଦେଇ ମାମଲାର ଆଶୁ ସମାଧାନ କରୁଥିଲେ । ତାଙ୍କ ପରଲୋକରେ ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଭାଗିରଥି ବଡ଼ଜେନା, ପ୍ରିୟଦର୍ଶୀ ମିଶ୍ର ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶୋକ ପ୍ରକଟ କରିଛନ୍ତି ।

# ଆକ୍ସିସ୍ ବ୍ୟାଙ୍କ ଓ ଆଇଓସିଏଲ ପ୍ରଚଳନ କଲେ କୋବ୍ରାଣ୍ଡେଡ଼ କ୍ରେଡ଼ିଟ କାର୍ଡ଼




ମୁମ୍ବାଇ : ଗ୍ରାହକଙ୍କ ପାଇଁ ସହବ୍ରାଣ୍ଡେଡ଼ କ୍ରେଡ଼ିଟ କାର୍ଡ଼ ପ୍ରଚଳନ ନିମନ୍ତେ ଦେଶର ତୃତୀୟ ବୃହମ ଘରୋଇ ବ୍ୟାଙ୍କ ଭାବେ ବିବେଚିତ ଆକ୍ସିସ୍ ବ୍ୟାଙ୍କ ଭାରତୀୟ ତୈଳ ନିଗମ ସହ ଭାଗିଦାରୀ କରିଛି । ସମସ୍ୟାମୁକ୍ତ ଅଣନଗଦୀ କାରବାର ପସନ୍ଦ କରୁଥିବା ଗ୍ରାହକଙ୍କ ପାଇଁ ଏହା ଉପଯୋଗୀ ହୋଇପାରିବ । ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କ୍ରେଡ଼ିଟ କାର୍ଡ଼ ବଜାରରେ ନିଜ ଉପସ୍ଥିତି ବିସ୍ତାର କରିବା ପାଇଁ ବ୍ୟାଙ୍କ ଓ ଆଇଓସିଏଲ ଏହି ସହଭାଗୀତା କରିଛନ୍ତି ।

ଏହି ସହବ୍ରାଣ୍ଡେଡ଼ କ୍ରେଡ଼ିଟ କାର୍ଡରେ କ୍ୟାସବ୍ୟାକ ପରି ଅନେକ ଆକର୍ଷଣୀୟ ଅଫର ରହିଛି । ଏହି କାର୍ଡ଼ ପ୍ରଦାନର ପ୍ରଥମ ୩୦ ଦିନରେ ତୈଳ ବାବଦ ବ୍ୟୟ ଉପରେ ୨୫୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକର ବ୍ୟବସ୍ଥା ରହିଛି । ଏଥିସହ ତୈଳ ସରଚାର୍ଜ ଛାଡ଼ ଓ ଆଇଓସିଏଲ ଟାଙ୍କିରେ ତେଲ ପକାଇଲେ ୨୦ଏକ୍ସ ରିୱାର୍ଡ଼ ପଏଣ୍ଟ ବ୍ୟବସ୍ଥା ରହିଛି । ଅନଲାଇନରେ କ୍ରୟ କଲେ ୫ଏକ୍ସ ରିୱାର୍ଡ଼ ପଏଣ୍ଟ ବ୍ୟବସ୍ଥା ରହିଛି । ବୁକମାଇଁ ସୋ ଜରିଆରେ ଚଳଚ୍ଚିତ୍ର ଟିକେଟ ବୁକିଂ କଲେ ୧୦% ତତ୍କାଳ ରିହାତି ବ୍ୟବସ୍ଥା ରହିଛି ।

ଏହି ପରିପ୍ରେକ୍ଷୀରେ ଭାରତୀୟ ତୈଳ ନିଗମର ଖୁଚୁରା ବିକ୍ରି ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜ୍ଞାନ କୁମାର କହିଛନ୍ତି ଯେ, ଅଣନଗଦୀ ଓ ଡ଼ିଜିଟାଲ କାରବାରକୁ ଆଇଓସିଏଲ ସର୍ବଦା ପ୍ରୋତ୍ସାହିତ କରିଆସୁଛି । କଂପାନୀର ୨୭ ହଜାରରୁ ଅଧିକ ବିକ୍ରୟ କେନ୍ଦ୍ରରେ କ୍ରେଡ଼ିଟ ଓ ଡ଼େବିଟ୍ କାର୍ଡ଼ ଗ୍ରହଣ କରାଯାଉଛି । ସହବ୍ରାଣ୍ଡେଡ଼ କ୍ରେଡ଼ିଟ କାର୍ଡ଼ ପାଇଁ ଆକ୍ସିସ ବ୍ୟାଙ୍କ ସହ ସହଭାଗୀତା ଦ୍ୱାରା ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ଗ୍ରାହକ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ






# ମହର୍ଷି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ










ଭୁବନେଶ୍ୱର : ନୂଆପଲ୍ଲୀ ସ୍ଥିତ ମହର୍ଷି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହା ୧୮ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ ଓ ସମ୍ମାନୀୟ ଅତିଥି ଭାବରେ ଭିନ୍ନକ୍ଷମ କମିଶନର ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରରାୟ ଓ ବିଦ୍ୟାଳୟର ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହାପାତ୍ର ଯୋଗ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସାମରିକ ବାଦ୍ୟର ତାଳେ ତାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କସରତ ପ୍ରଦର୍ଶନ କରାଯାଇଥିଲା । ନିଜର ଆତ୍ମସୁରକ୍ଷା ପାଇଁ ବିଦ୍ୟାଳୟରେ ଶିଖାଯାଇଥିବା କରାଟେର ବିଭିନ୍ନ କୌଶଳମାନ ପିଲାମାନେ ପ୍ରଦର୍ଶନ କରିଥିଲେ । ଅଭିଭାବକ ଓ ଅଭିଭାବିକାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ଏବଂ ଏହା ଖୁବ୍ ଆକର୍ଷଣୀୟ ହୋଇଥିଲା । ଶେଷରେ ମୁଖ୍ୟ ଅତିଥି କୃତୀ କ୍ରୀଡାବିତମାନଙ୍କୁ ପୁରସ୍କାର ପ୍ରଦାନ କରି ଆଗାମୀ ଭବିଷ୍ୟତରେ ଏକ ଉଚ୍ଚକୋଟୀର କ୍ରୀଡାବିତ ହେବା ପାଇଁ ଉତ୍ସାହିତ କରିଥିଲେ । ପରିଶେଷରେ ବିଦ୍ୟାଳୟର ନିର୍ଦ୍ଦେଶିକା ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକଶିକ୍ଷୟତ୍ରୀ, ଅଭିଭାବକ ଓ ଛାତ୍ରଛଆତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରିଥିଲେ ।

## ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର କାର୍ଯ୍ୟକ୍ରମ ୨୦୨୦ ପାଇଁ ନାମପୀକରଣ

ଭୁବନେଶ୍ୱର: ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ବାଙ୍ଗାଲୁରୁସ୍ଥିତ ପୂର୍ଣ୍ଣକାଳୀନ ସ୍ନାତକୋତ୍ତର କାର୍ଯ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି । ଏହି ସ୍ନାତକୋତ୍ତର କାର୍ଯ୍ୟକ୍ରମ ଏକ ଦୁଇ ବର୍ଷିଆ ପାଠ୍ୟକ୍ରମ ହୋଇଥିବାବେଳେ ଯେକୌଣସି ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀ ଏହି ପାଠ୍ୟକ୍ରମ ପାଇଁ ନାମ ଲେଖାଇ ପାରିବେ । ଏହା ଏମ.ଏ ଏଜୁକେସନ, ଏମ୍.ଏ ଡେଭ୍‌ଲପ୍‌ମେଣ୍ଟ, ଏମ୍.ଏ ପବ୍ଲିକ୍ ପଲିସି ଆଣ୍ଡ ଗଭର୍ଣ୍ଣାନ୍ସ, ଏମ୍.ଏ ଇକୋନୋମିକ୍ସ ଭଳି ପାଠ୍ୟକ୍ରମ ପ୍ରଦାନ କରୁଛି । ସେହିପରି ଏହାର ଏକ ବର୍ଷିଆ କାର୍ଯ୍ୟକ୍ରମରେ ଏଲ୍‌ଏଲ୍.ଏମ୍. ଇନ୍ ଲ' ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ପାଠ୍ୟକ୍ରମ ରହିଥିବାବେଳେ ଲ' ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀ ଏଥିପାଇଁ ନାମ ଲେଖାଇ ପାରିବେ । ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ । ଆବେଦନକାରୀଙ୍କୁ ଏକ ଲିଖିତ ପରୀକ୍ଷା ଏବଂ ସର୍ଟଲିଷ୍ଟ କରାଯାଇଥିବା ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ଆଧାରରେ ଚୟନ କରାଯିବ । ଏଥିପାଇଁ ଆସ'। ୨୦୨୦ ଜାନୁଆରୀ ୨୨ରେ ଆବେଦନର ଶେଷ ତାରିଖ ରହିଥିବାବେଳେ, ପ୍ରବେଶିକା ପରୀକ୍ଷା ୮ ଫେବୃଆରୀରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି । ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳନା ଅଧିକାରୀ ଏସ୍. ଗିରିଧର କହିଥିଲେ, 'ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କାର୍ଯ୍ୟକ୍ରମଗୁଡିକର ଲକ୍ଷ୍ୟ ହେଉଛି ଦକ୍ଷ ଓ ପ୍ରେରିତ ସ୍ନାତକମାନଙ୍କୁ ପ୍ରସ୍ତୁତକରି ଏବଂ ସେମାନଙ୍କୁ ସାମାଜିକ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ଲାଗି ସକ୍ଷମ କରାଇ ଏହି ପ୍ରତିଭାର ବ୍ୟବଧାନକୁ ଦୂରକରିବା ।' ଶିକ୍ଷା କ୍ଷେତ୍ରରେ ଅତିରିକ୍ତ ଅଭିଜ୍ଞତା, ଅନୁସନ୍ଧାନ ଓ ଫିଲ୍ଡ ପ୍ରାକ୍ଟିସ୍‌ସହ ୧୪୦ ଜଣ ଫ୍ୟାକଲ୍ଟିଙ୍କ ଏକ ଟିମ୍, ପ୍ରତିବର୍ଷ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ୯୦ରୁ ଅଧିକ ସଂସ୍ଥା ଗୁଡିକରେ ଅଂଶଗ୍ରହଣ ସହ ଏହାର ଏକ ଚମତ୍କାର ପ୍ଲେସ୍‌ମେଣ୍ଟ ରେକର୍ଡ ରହିଛି । ଏଠାରେ ଉଭୟ ଟ୍ୟୁସନ ଓ ଆବାସିକ ସୁବିଧା ପାଇଁ ସମ୍ପ୍ରସାରିତ ଆବଶ୍ୟକତା ଭିତ୍ତିକ ଛାତ୍ରବୃତ୍ତି (୧୦୦%, ୭୫%, ୫୦% ଓ ୨୫%) ଏବଂ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କ ପାଇଁ ୫୦% ଟ୍ୟୁସନ ଫି' ଛାଡ଼ ସୁବିଧା ଉପଲବ୍ଧ ।

## ମାଇକ୍ରୋଫାଇନାନ୍ସ - କେବଳ ଋଣ ପ୍ରଦାନରେ ସୀମିତ ନୁହେଁ

ଭୁବନେଶ୍ୱର: ଆମ ରାଜ୍ୟ ଓଡ଼ିଶାରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଗୋଷ୍ଠୀଗୁଡ଼ିକୁ, ମାଇକ୍ରୋ ଫାଇନାନ୍ସଗୁଡ଼ିକ କୌଣସି ବନ୍ଧକ ବ୍ୟତୀତ ଋଣ ପ୍ରଦାନକରି ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଛନ୍ତି । ରାଜ୍ୟର ଦୁର୍ଗମ ଜିଲ୍ଲାଗୁଡ଼ିକରେ ଯେଉଁଠାରେ ଲୋକେ ଋଣ ବା କ୍ରେଡିଟର ସୁବିଧା ପାଉନଥିଲେ ଏହା ସେମାନଙ୍କୁ କେବଳ ଉପାର୍ଜନର ସୁଯୋଗ ପ୍ରଦାନ କରିନାହିଁ ସେମାନଙ୍କୁ ଦେଶର ବିକାଶ ସହିତ ତାଳ ଦେଇ ଆଗେଇ ଯିବାରେ ସହାୟକ ହୋଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାର ଋଣଗ୍ରହିତାମାନେ ମନେ ପକାଇଥିଲେ କିପରି ଭାବରେ ଫନିର ତାଣ୍ଡବଲୀଳା ପରେ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ସହାୟତାର ହାତ ବଢ଼ାଇଥିଲେ । ରିଲିଫ୍ ସୁବିଧା ପହଂଚିବା ପୂର୍ବରୁ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ରିଲିଫ୍ ପ୍ରଦାନ କରିଥିଲେ । ଖୋର୍ଦ୍ଧାର ବବିତା ସେନାପତି କହନ୍ତି, 'ମୁଁ ମୋର ସବୁକିଛି ହରାଇଥିଲି ଏବଂ କ'ଣ କରିବି କିଛି ଜାଣିପାରୁନଥିଲି । ସତ୍ୟ ମାଇକ୍ରୋ କ୍ୟାପିଟାଲର୍ ଲୋନ୍ ଅଫିସର, ଯେଉଁଠାରୁ ମୁଁ ଋଣ ନେଇଥିଲି, ମୋତେ ବହୁତ ସାହାଯ୍ୟ କଲେ । ସେ ମୋତେ ଋଣ ପରିଶୋଧ କରିବା ପାଇଁ କହିନଥିଲେ ବରଂ ସେ କିପରି ମୋତେ ସାହାଯ୍ୟ କରିପାରିବେ ପଚାରିଥିଲେ । ଏହା ମୋ ହୃଦୟକୁ ଛୁଇଁଗଲା ।' ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନ୍ୟତମ ସବୁଠାରୁ ପୁରୁଣା ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ ଅନ୍ନପୂର୍ଣ୍ଣା ମାଇକ୍ରୋଫାଇନାନ୍ସର ନିର୍ଦ୍ଦେଶକ, ଦିବ୍ୟଜ୍ୟୋତି ପଟ୍ଟନାୟକ କହିଥିଲେ, 'ଏହି ଋଣଗ୍ରହିତାମାନେ ଗୋଟିଏ ପରିବାର ପରି ହୋଇଗଲାଣି ଏବଂ ସେମାନଙ୍କ ମଧ୍ୟରେ ଭରସାର ବନ୍ଧନ ସୃଷ୍ଟି ହୋଇଛି । ଆଉ ଅସୁବିଧା ସମୟରେ ଆମେ ସେମାନଙ୍କୁ ସାହାଯ୍ୟ କରିବା ସାଧାରଣ କଥା । ଆମେ ବୁଝିଛୁ ଯେ ସେମାନେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଘରଦ୍ୱାର, ଧନସମ୍ପତି ହରାଇଛନ୍ତି ଏବଂ ଗଭୀର ଦୁଃଖ ମଧ୍ୟରେ ଗତି କରୁଛନ୍ତି । ସେହି ସମୟରେ ଋଣ ପରିଶୋଧ କରିବା ପାଇଁ ଚାପ ପକାଇବା ସେହି ଦୁଃଖକୁ ବଢ଼ାଇଦେବ ।' ଝାମି ଖଣ୍ଡି, ବାୟା ଫିନସର୍ଭର ଋଣଗ୍ରହିତା, ଯେ କି ପୁରୀର ବାସିନ୍ଦା, ପୁରୀରେ ଫନିର ଭୟଙ୍କର ପ୍ରଭାବ ପଡ଼ିଥିଲା, ସେ ମନେପକାନ୍ତି, 'ମୁଁ ପାନ ପତ୍ର ବ୍ୟବସାୟ ପାଇଁ ୧୮,୦୦୦ ଟଙ୍କା ଋଣ ନେଇଥିଲି କିନ୍ତୁ ଫନି ଯୋଗୁଁ ଗୁରୁତର ପ୍ରଭାବ ପଡ଼ିଲା । କିନ୍ତୁ ବାୟା ଫିନସର୍ଭ ଆମକୁ ସାହାଯ୍ୟ କଲା । ବାତ୍ୟା ପରେ ତୁରନ୍ତ ଆମକୁ ଖାଦ୍ୟ, ବିସ୍କୁଟ୍ ଓ ପାଣି ପ୍ରଦାନ କରିଥିଲେ । ଏହାସହିତ ଆମକୁ ଶାଢ଼ି ଓ ଲୁଙ୍ଗି ମଧ୍ୟ ଦେଇଥିଲେ । ଖାଲି ସେତିକି ନୁହେଁ ବାୟା ଫିନସର୍ଭ ମଧ୍ୟ ମୋତେ ଆଉ ଗୋଟିଏ ଋଣ ଦେଇଥିଲେ ଯାହାକି ମୋ ପାନ ବ୍ୟବସାୟ ପୁଣି ଆରମ୍ଭ କରିବାରେ ସହାୟକ ହୋଇଥିଲା । ମୁଁ ସେମାନଙ୍କର ତୁରନ୍ତ ସହାୟତା ପାଇଁ ମଧ୍ୟ କୃତଜ୍ଞ ।'

## ନୂଆ ବଜାଜ ଆଲିଆ ଲାଇଫ ସ୍ମାର୍ଟ ପ୍ରୋଟେକ୍ଟ ଗୋଲର ଶୁଭାରମ୍ଭ

ପୁନେ : ଦେଶର ଅନ୍ୟତମ ଅଗ୍ରଣୀ ଘରୋଇ ବୀମା କଂପାନୀ ବଜାଜ ଆଲିଆ ଲାଇଫ ଗ୍ରାହକଙ୍କ ଅର୍ଥର ପ୍ରକୃତ ମୂଲ୍ୟ ଦେବା ପରି ବଜାଜ ଆଲିଆ ଲାଇଫ ସ୍ମାର୍ଟ ପ୍ରୋଟେକ୍ଟ ଗୋଲ ନାମକ ନୂତନ ପୂର୍ଣ୍ଣାଙ୍ଗ ଟର୍ମ ପ୍ଲାନର ଶୁଭାରମ୍ଭ କରିଛି । ଏଥିରେ ଗ୍ରାହକଙ୍କ ପାଇଁ ଅନେକ ପ୍ରକାର ସୁବିଧାସୁଯୋଗ ରହିଛି । ଏହି ପ୍ଲାନଟି ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯଦ୍ୱାରା ଗ୍ରାହକଙ୍କୁ ଦେୟ ପ୍ରଦାନ ପାଇଁ ସୁବିଧା ହେବ । ଫଳରେ ସେମାନେ ଏହି ପ୍ଲାନ ପ୍ରତି ଆକର୍ଷିତ ହେବେ । ଏହା ଭାରତର ପ୍ରାଥମିକ ଆବଶ୍ୟକତାକୁ ପୂରଣ କରିପାରିବ । ଜୀବନ ବୀମା କ୍ଷେତ୍ରରେ ଗ୍ରାହକଙ୍କୁ ମୂଲ୍ୟଭିତ୍ତିକ ଉତ୍ପାଦ ଯୋଗାଇ ଦେବା ପାଇଁ ଗତ ୨ ବର୍ଷ ହେଲା କଂପାନୀ ଦୃଷ୍ଟି ନିବଦ୍ଧ କରିଛି । ନୂତନ ବୈପ୍ଳବିକ ଉତ୍ପାଦ ୟୁଲିପ, ପିଓଏସ୍ ଓ ଗୁରୁତର ଅସୁସ୍ଥତା ପାଇଁ ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରିବା ପରେ କଂପାନୀ ଏବେ ଅର୍ଥର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ ଟର୍ମ ପ୍ଲାନ ଆଣିଛି । ଦୈନିକ ୧୩ ଟଙ୍କା ପ୍ରଦାନ କରି ଗ୍ରାହକ ଏଥିରୁ ଉପକୃତ ହୋଇପାରିବେ । ଏହି ଅବସରରେ ବଜାଜ ଆଲିଆ ଲାଇଫର ଏମଡ଼ି ତଥା ସିଇଓ ତରୁଣ ଚୁଗ୍ କହିଛନ୍ତି ଯେ, ଜୀବନର ଲକ୍ଷ୍ୟ ପାଇଁ ଆମର ଯେଉଁ ଦର୍ଶନ ରହିଛି ତାହାହିଁ ଆମକୁ ବ୍ୟବସାୟ କୌଶଳ ପାଇଁ ମାର୍ଗଦର୍ଶନ ପ୍ରଦାନ କରୁଛି । ଏକ ସୁଲଭ ତଥା ଦକ୍ଷ ଉତ୍ପାଦ ନିଜର ଆର୍ଥିକ ଲକ୍ଷ୍ୟ ହାସଲ ପାଇଁ ଗ୍ରାହକ ସର୍ବଦା ଚାହିଁଥାନ୍ତି । ନୂଆ ଉତ୍ପାଦ ଏଦିଗରେ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି । ପ୍ରଥମ ଥର ପାଇଁ ଏହି ଟର୍ମ ପ୍ଲାନରେ ସନ୍ତାନଙ୍କ ଶିକ୍ଷାକୁ ଅତିରିକ୍ତ ଭାବେ ଅ'ର୍ଭୁକ୍ତ କରାଯାଇଛି । ୫୫ଟି ଗୁରୁତର ରୋଗ ପାଇଁ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ । ୯୯ ବର୍ଷ ବୟସ ପର୍ଯ୍ୟନ୍ତ ଲାଇଫ କଭର ସହ ପିଲାଙ୍କୁ ଏଥିରେ ଅ'ର୍ଭୁକ୍ତ ପାଇଁ ପଦକ୍ଷେପ ନିଆଯାଇଛି । ଏଥିରେ ୧ କୋଟି ଟଙ୍କା ପର୍ଯ୍ୟ' ଲାଇଫ କଭର ରହିଛି ।

## ରିଅଲ୍‌ମିର ପକ୍ଷରୁ ଏହାର ନୂତନ ସ୍ମାର୍ଟଫୋନ ଏବଂ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଆଜି ଏହାର ନୂତନ ଶକ୍ତିଶାଳୀ ସ୍ମାର୍ଟଫୋନ୍ ରିଅଲ୍‌ମି ଏକ୍ସ୨ ଲଞ୍ଚ କରାଯାଇଛି ଏବଂ ଏହା ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ପାଇଁ ନିଜର ନୂତନ ସର୍ବୋତ୍ତମ ୱାୟାରଲେସ୍ ଇୟରଫୋନ୍ ରିଅଲ୍‌ମି ବଡ୍‌ସ ଏୟାର ସହ ନିଜ ଆକ୍‌ସେସରି ପୋର୍ଟଫୋଲିଓକୁ ବିସ୍ତାର କରିଛି । ଯୁବପୀଢୀଙ୍କ ଜୀବନଶୈଳୀକୁ ଉନ୍ନତ କରୁଥିବା ମଜବୁତ ଉତ୍ପାଦ ଡେଲିଭରି କରିବାର ଲକ୍ଷ୍ୟ ସହ ବ୍ରାଣ୍ଡକୁ ପ୍ରମୁଖ ଟେକ୍ ଲାଇଫ୍‌ଷ୍ଟାଇଲ ବ୍ରାଣ୍ଡରେ ପରିଣତ କରିବା ପାଇଁ ଏହି ଉତ୍ପାଦଗୁଡିକ ହେଉଛନ୍ତି ପ୍ରମାଣପତ୍ର ସଦୃଶ । ବ୍ରାଣ୍ଡର ବିଚାରଧାରା 'ଡେୟାର ଟୁ ଲିପ୍'କୁ ପାଳନ କରି ରିଅଲ୍‌ମି ବଡ୍‌ସ ଏୟାର ବାସ୍ତବରେ ୱାୟାରଲେସ୍‌ର ହେବାର ଧାରଣାକୁ ଆଗକୁ ବଢାଉଛି । ରିଅଲ୍‌ମି ବଡ୍‌ସ ଏୟାରରେ ସୁପର୍ ଲୋପ ଲାଟେନ୍ସି କଷ୍ଟମ ଆର୍‌ୱାନ୍ ଚିପ୍ ଓ ବ୍ଲୁଟୁଥ୍ ୫.୦ ରହିଛି ଯାହା ଏହାକୁ ସ୍ମାର୍ଟଫୋନ୍ ଓ ଇୟରବଡ୍‌ସ ମଧ୍ୟରେ ଦ୍ୱରିତ ଓ ସ୍ଥାୟୀ ସଂଯୋଗ ସ୍ଥାପନ କରିବାରେ ସହଯୋଗ କରିଥାଏ । ଏଥିରେ ୧୨ ଏମ୍‌ଏମ୍ ଡାଇନାମିକ୍ ବାସ୍ ବୁଷ୍ଟ ଡ୍ରାଇଭର, ୧୭ ଘଣ୍ଟାର ମ୍ୟୁଜିକ୍ ପ୍ଲେବ୍ୟାକ୍, ଆକ୍‌ସେସିବୁଲ ସ୍ମାର୍ଟ କଣ୍ଟ୍ରୋଲ, ଏନ୍‌ଭାୟରନ୍‌ମେଣ୍ଟ ନଏଜ୍ କ୍ୟାନ୍‌ସେଲେସନ୍ ଭଳି ସୁବିଧା ରହିଛି । ଏହାର ବଜାର ମୂଲ୍ୟ ୩୯୯୯ ଟଙ୍କା ରହିଥିବା ବେଳେ ଏହା ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ସହ କ୍ଲାସିକ୍ ରିଅଲ୍ ମି କଲର ୟେଲୋରେ ଉପଲବ୍ଧ ହେଉଛି । ଏହି ୱାୟାରଲେସ୍ ଇୟରବଡ୍‌ସ ପାଇଁ ଅପେକ୍ଷା କରିପାରୁନଥିବା ଗ୍ରାହକଙ୍କ ପାଇଁ ରିଅଲ୍‌ମି ରିଅଲ୍‌ମି ଡଟ୍ କମ୍ ଓ ଫ୍ଲିପ୍‌କାର୍ଟ ଡଟ୍ କମ୍‌ରେ ଆଜି ଦ୍ୱିପହର ୨ଟାରୁ 'ହେଡ୍ ଟୁ ୱେଟ୍' ସେଲ୍‌ଆରମ୍ଭ କରିଛି । ରିଅଲ୍‌ମି ବଡ୍‌ସ ଏୟାର୍‌ର ପରବର୍ତ୍ତୀ ସେଲ୍ ଆସ'। ୨୩ ଡିସେମ୍ବର ଦିନ ୧୨ଟାରୁ ରିଅଲ୍‌ମି ଡଟ୍ କମ୍ ଓ ଫ୍ଲିପ୍‌କାର୍ଟ ଡଟ୍ କମ୍‌ରେ ଏବଂ ଖୁବ୍‌ଶୀଘ୍ର ଅଫ୍‌ଲାଇନ୍ ଷ୍ଟୋରଗୁଡିକରେ ଅରମ୍ଭ ହେବ । ରିଅଲ୍‌ମି ଏକ୍ସଟିର ଏକ ଅପ୍‌ଗ୍ରେଡ୍ ଏବଂ ନୂଆ ରିଅଲ୍‌ମି ଏକ୍ସ୨ ୨.୨ ଜିଏଚ୍‌ଜେଡ୍ ସିପ୍ପି ସହ ୮ଏନ୍‌ଏମ୍ କ୍ରିୟୋ ଅକ୍ଟାକୋର୍ ସ୍ନାପ୍‌ଡ୍ରାଗନ୍ ୭୩୦ଜି ଦ୍ୱାରା ପରିଚାଳିତ ।

## ଭାରତର ବହୁ ବାଂଛିତ ଅଟୋମୋବାଇଲ ପୁରସ୍କାର ଆଇସିଓଟିୱାଇ ଓ ଆଇଏମଓଟିୱାଇ ୨୦୨୦ ଅଟୋ ଉଦ୍ୟୋଗ ଅଭିନବତ୍ୱ




ଭୁବନେଶ୍ୱର : ଜେକେ ଟାୟାର ଆଜି ୧୫ତମ ଇଣ୍ଡିୟାନ କାର ଅଫ ଦ ଇୟର (ଆଇସିଓଟିୱାଇ), ୧୩ ତମ ଇଣ୍ଡିୟାନ ମଟରସାଇକେଲ ଅଫ ଦ ଇୟର (ଆଇଏମଓଟିୱାଇ) ଏବଂ ଆଇସିଓଟିୱାଇ ଦ୍ୱାରା ୨ୟ ପ୍ରିମିୟମ କାର ଆୱାର୍ଡ ୨୦୨୦- ଭାରତୀୟ ଅଟୋମୋଟିଭ ଉଦ୍ୟୋଗର ସର୍ବାଧିକ ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି । ଉଦ୍ୟୋଗ ଦୂରଦର୍ଶୀ, ଶୀର୍ଷ କାର୍ଯ୍ୟକାରୀ ଏବଂ ଅଟୋ ଉତ୍ସାହୀ ମାନଙ୍କ ଉପସ୍ଥିତିରେ ସର୍ବୋତମ ଅଟୋ ପ୍ରଦର୍ଶନ ମାନକ ଦର୍ଶାଉଥିବା ଏସମସ୍ତ ପ୍ରତିଷ୍ଠିତ ପୁରସ୍କାରର ବିଜେତାଙ୍କୁ ପୁରସ୍କୃତ କରାଯିବ ।ଏହାର ଦେଶ ବ୍ୟାପୀ ଲୋକପ୍ରିୟତା ପ୍ରତିଫଳିତ କରୁଥିବା ହିଣ୍ଡାଇ ଭେନୁ ଇଣ୍ଡିୟାନ କାର ଅଫ ଦ ଇୟର ୨୦୨୦ ବିବେଚିତ ହୋଇଥିବା ବେଳେ ବାଇକ ପ୍ରୋମୀମାନଙ୍କ ପସନ୍ଦିତ ହିରୋ ଏକ୍ସପଲ୍ସ ୨୦୦କୁ ଇଣ୍ଡିୟାନ ବାଇକ ଅଫ ଦ ଇୟର ୨୦୨୦ ପୁରସ୍କାର ଦିଆଯାଇଥିଲା । ଆଇସିଓଟିୱାଇ ପ୍ଲାଟଫର୍ମରେ ଦିତୀୟ ବର୍ଷ ପାଇଁ ଚିହ୍ନଟ କରୁଥିବା ଆଇସିଓଟିୱାଇ ଦ୍ୱାରା ପ୍ରିମିୟମ କାର ଆୱାର୍ଡ ବିଏମଡବ୍ଲୁ ୩-ସିରିଜ ହାତେଇ ନେଇଛି । ମିଷ୍ଟର ଯୋଗେନ୍ଦ୍ର ପ୍ରତାପ, ଅଧ୍ୟକ୍ଷ , ଆଇସିଓଟିୱାଇ ୨୦୨୦ ଏବଂ ମିଷ୍ଟର ଆସ୍ୱି ଭଥେନା, ଅଧ୍ୟକ୍ଷ, ଆଇଏମଓଟିୱାଇ ୨୦୨୦ ସହିତ ଡ. ରଘୁପତି ସିଂଘାଣିଆ, ଅଧ୍ୟକ୍ଷ ଓ ମ୍ୟାନେଜିଙ୍ଗ ନିର୍ଦ୍ଦେଶକ, ଜେକେ ଟାୟାର ଓ ଇଣ୍ଡଷ୍ଟ୍ରି ଲିମିଟେଡ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଟିପ୍ପଣୀ କରିବାକୁ ଯାଇ ଡ. ରଘୁପତି ସିଂଘାଣିଆ କହିଲେ, 'ଅଟୋ ଉଦ୍ୟୋଗ ପାଇଁ ଆଜିର ରାତି ସର୍ବାଧିକ ରୋମାଂଚକର ରାତି ଅଟେ ଏବଂ ପ୍ରକୃତ ଅର୍ଥରେ ଏହା ରୋମାଂଚକର ଅଟେ । ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ପୁରସ୍କାରର ଆରମ୍ଭ ହେବାଠୁ ସେଗୁଡିକୁ ସମର୍ଥନ କରି ଆସୁଥିବାରୁ ଆମେ ଜେକେ ଟାୟାର ରେ ଗର୍ବିତ ଅନୁଭବ କରୁଛୁ । ଅଟୋ ନିର୍ମାଣ କାରି କ୍ଷିପ୍ର ଗତିରେ ଆଗକୁ ବଢୁଥିବା ଏବଂ ଶିଘ୍ର ଅଭିନବତ୍ୱ ଆଣୁଥିବା ଯୋଗୁଁ ଏହି ବର୍ଷ ଅନେକ ଶକ୍ତିଶାଳୀ ପ୍ରତିଯୋଗୀ ତାଲିକାଭୁକ୍ତ ହୋଇଛନ୍ତି ଯାହା ବିଜେତା ନିର୍ଣ୍ଣୟ କରିବାରେ ଜୁରିମାନଙ୍କ କାର୍ଯ୍ୟ ସେତିକି ଅଧିକ କଷ୍ଟସାଧ କରିଦେଇଛି । କଡା ପ୍ରତିଯୋଗୀତା ସତ୍ୱେ ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କର ନିଜ ହିସାବରେ ଜଣେ ଜଣେ ବିଜେତା ଅଟନ୍ତି । ଅନନ୍ୟ ଶୈଳୀ ପ୍ରଦ୍ୟୋଗୀକି ଅଣ ଅଭିନବତ୍ୱ ସେମାନଙ୍କର ଯାନରେ ଶୀର୍ଷରେ ପହଂଚିଥିବା ଆଜି ରାତିର ବିଜେତା ମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ସମାନ ଆଗ୍ରହ ରାସ୍ତାରେ ପ୍ରତିଫଳିତ ହେବା ଦେଖିବା ଏକ ପରମ ଆନନ୍ଦର କଥା । ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ପୁରସ୍କାର ପ୍ରତି ଜେକେ ଟାୟାର ର ସମର୍ଥନ ସେହି ସର୍ବୋତ୍କୃଷ୍ଟତା ପାଇଁ ଏକ ପ୍ରମାଣ ଏବଂ ଏହି ଉଲ୍ଲେଖନୀୟ ଯାତ୍ରାର ଅଂଶବିଶେଷ ହେବା ଅଦ୍ଭୁତ ଅଟେ ।'ପ୍ରତି ବର୍ଷ ଭାରତର ଶୀର୍ଷ ଅଟୋମୋବାଇଲ ପ୍ରକାଶନରୁ ଅଟୋ ବିଶେଷଜ୍ଞ ମାନଙ୍କର ଏକ ପେନଲ ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ପୁରସ୍କାର ନିର୍ଣ୍ଣୟ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥାନ୍ତି । ପୂରା ବର୍ଷ ଦେଖିଥିବା ମାତ୍ରାଧିକ ନୂତନ ଲଂଚରୁ ଏହି ବର୍ଷ ଦେଖିଥିବା ମାତ୍ରାଧିକ ନୂତନ ଲଂଚରୁ ଏହି ବର୍ଷର ପୁରସ୍କାର ଆମକୁ ସର୍ବୋତମ କାର ଏବଂ ମଟରସାଇକେଲ ଦେଇଛି । ଯଥାକ୍ରମେ ୨୦୦୫ ଏବଂ ୨୦୦୭ ରେ ଆରମ୍ଭ ହୋଇଥିବା ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ଭାରତୀୟ ଅଟୋମୋବାଇଲ ଉଦ୍ୟୋଗରେ ସର୍ବାଧିକ ସମ୍ମାନଜନକ ପୁରସ୍କାର ଅଟେ ।

## ଜାଗୁଆର ଲ୍ୟାଣ୍ଡ ରୋଭର ପକ୍ଷରୁ ଲ୍ୟାଣ୍ଡ ରୋଭର ଥର୍ ଏକ୍ସପେରିଏନ୍ସ

ଭୁବନେଶ୍ୱର : ଜାଗୁଆର ଲ୍ୟାଣ୍ଡ ରୋଭର ଇଣ୍ଡିଆ ପକ୍ଷରୁ ଏହାର ପ୍ରଶଂସକ ଏବଂ ଗ୍ରାହକମାନଙ୍କ ପାଇଁ ଲ୍ୟାଣ୍ଡ ରୋଭର ଥର୍ ଏକ୍ସପେରିଏନ୍ସ ସମ୍ପନ୍ନ ହୋଇଛି । ଏହି ଯୋଜନା ଅନତର୍ଗତ ୨୦୧୯ ଫେବୃୟାରୀ ରେ ଦିବ୍ରୁଗଡ଼ ଠାରୁ ଗୌହ୍ୱାଟି ପର୍ଯ୍ୟ' ବ୍ରହ୍ମପୁତ୍ର ଏକ୍ସପେରିଏନ୍ସ ହୋଇଥିବାବେଳେ ନାଗପୁରଠାରୁ କାହ୍ନା ଏବଂ ନାଗପୁର ଜଙ୍ଗଲ ଏକ୍ସପେରିଏନ୍ସ ତଥା ଶିମଲା ଠାରୁ ଲେହ ପର୍ଯ୍ୟ' ହିମାଲୟାନ୍ ଏକ୍ସପେରିଏନ୍ସ ସମ୍ପନ୍ନ ହୋଇଥିଲା । ଏସବୁ ଯାତ୍ରା ବେଶ୍ ଲୋକପ୍ରିୟ ହୋଇପାରିଥିଲା ।ଲ୍ୟାଣ୍ଡ ରୋଭର ଥର୍ ଏକ୍ସପେରିଏନ୍ସ ଡିସେମ୍ବର ୧୪ରେ ଜୟପୁରଠାରୁ ଆରମ୍ଭ ହୋଇ ଡିସେମ୍ବର ୧୯ରେ ଉଦୟପୁର ଠାରେ ଶେଷ ହୋଇଛି । ଏହି ୫ ରାତି ୬ ଦିନ ଯାତ୍ରାରେ ଗ୍ରାହକମାନେ ଜୋହରି ବଜାର, ହାୱାମହଲ, ସମ୍ଭର ସଲ୍ଟ ଲେକ୍ ଆଦି ଦେଖିବାର ସୁଯୋଗ ଲାଭ କରିଛନ୍ତି । ଏହା ସହିତ ଇନଲ୍ୟାଣ୍ଡ ସଲ୍ଟ ଲେକ୍, ତାଲ ଚପର ଅଭୟାରଣ୍ୟ, ଇଣ୍ଡିଆନ୍ ଗେଜେଲ୍, ବିକନାର୍, ଲାଲଗଡ଼ ପ୍ୟାଲେସ୍, ବର୍ଡର ରୋଡ୍, ଇନ୍ଦିରା ଗାନ୍ଧୀ କେନାଲ, ସ୍ୟାଣ୍ଡ ଡ୍ୟୁନ୍, ସୂର୍ଯ୍ୟଗଡ଼,ଜୟସେଲମର, ସାମ୍ ଡ୍ୟୁନ୍, ଖିମସାର୍, ପୋଖରନ୍, ଖିଜନ ପକ୍ଷୀ ଅଭୟାରଣ୍ୟ, ଖିସାର୍ ଦୁର୍ଗ ଆଦି ୧୩୦୦ରୁ ଅଧିକ କିମି ଯାତ୍ରା କରି ଉଦୟପୁର ର ଡେଜର୍ଟ ସଫାରୀ ସହିତ ଲକ୍ଷ୍ମୀ ବିଳାସ ପ୍ୟାଲେସ୍‌ରେ ରହିବାର ଅବସର ପାଇଥିଲେ । ଜାନୁୟାରୀ ଫେବୃୟାରୀରେ ଲ୍ୟାଣ୍ଡ ରୋଭର ପକ୍ଷରୁ ସୁଇଡେନ୍‌ର ଅରଜେପ୍ଲଗ୍ ଠାରେ ଆଇସ୍ ଡ୍ରାଇଭ୍ ଏକ୍ସପେରିଏନ୍ସ ସମ୍ପନ୍ନ ହେବ । ଏହି ଅବସରରେ ଜାଗୁଆର ଲ୍ୟାଣ୍ଡ ରୋଭର ଇଣ୍ଡିଆ ଲିଃ.ର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ରୋହିତ ସୁରୀ କହିଲେ, ' ଲ୍ୟାଣ୍ଡ ରୋଭର ଥର୍ ଏକ୍ସପେରିଏନ୍ସ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିଛି । କମ୍ପାନୀ ସବୁବେଳେ ଗ୍ରାହକଙ୍କୁ ନୂତନ ଅଭିଜ୍ଞତା ପ୍ରଦାନ ପାଇଁ କାର୍ଯ୍ୟ କରିଥାଏ । ଏବେ ସୁଇଡେନ୍‌ରେ ଲ୍ୟାଣ୍ଡ ରୋଭର ଆଇସ୍ ଡ୍ରାଇଭ୍ ଏକ୍ସପେରିଏନ୍ସ ଅନୁଷ୍ଠିତ ହେବାକୁ ଯାଉଛି । ଏହା ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବାର ଆଶା ରହିଛି । ଭାରତରେ ଉପଲବ୍ଧ ହେଉଥିବା ଜାଗୁଆର ରେ୍ ମଧ୍ୟରେ ଏକ୍ସଇର ମୂଲ୍ୟ ୪୪.୯୮ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଏକ୍ସଏଫ୍‌ର ମୂଲ୍ୟ ୪୯.୭୮ ଲକ୍ଷରୁ ଆରମ୍ଭ ହେଉଛି । ସେହିପରି ଏଫ୍-ପେସ୍‌ର ମୂଲ୍ୟ ୬୩.୭୮ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି । ଏକ୍ସଜେର ମୂଲ୍ୟ ୧୧୧.୩୦ ଲକ୍ଷ ଟଙ୍କା, ଏଫ୍-ଟାଇପ୍ ମୂଲ୍ୟ ୯୦.୯୩ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି । ଭାରତରେ ଉପଲବ୍ଧ ହେଉଥିବା ଲ୍ୟାଣ୍ଡ ରୋଭର ରେ୍ ମଧ୍ୟରେ ଡିସକଭର ସ୍ପୋର୍ଟସର ମୂଲ୍ୟ ୪୪.୬୮ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ରେ ରୋଭର ଇଭାକ୍ୟୁର ମୂଲ୍ୟ ୫୨.୦୬ ଲକ୍ଷରୁ ଆରମ୍ଭ ହେଉଛି । ସେହିପରି ରେ୍ ରୋଭର ଭେଲାର ମୂଲ୍ୟ ୭୧.୮୬ ଲକ୍ଷ ଟଙ୍କା ଏବଂ ଡିସକଭର ମୂଲ୍ୟ ୭୫.୧୮ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି । ରେ୍ ରୋଭର ସ୍ପୋର୍ଟସ୍ ମୂଲ୍ୟ ୮୬.୭୧ ଲକ୍ଷ ଟଙ୍କା ଏବଂ ରେ ରୋଭର ମୂଲ୍ୟ ୧୮୧.୮୬ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି । ଜାଗୁଆର ଲ୍ୟାଣ୍ଡ ରୋଭର ଯାନ ଗୁଡିକ ଅହମ୍ମଦାବାଦ୍, ଔରଙ୍ଗାବାଦ୍, ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ଗୁରୁଗାଓଁ, ହାଇଦ୍ରାବାଦ୍, ଇନ୍ଦୋର, ଜୟପୁର, କୋଲକତା, କୋଚି, କର୍ନାଲ, ଲକ୍ଷ୍ନୌ, ଲୁଧିଆନା, ମାଙ୍ଗାଲୋର୍, ମୁମ୍ବାଇ, ନାଗପୁର, ନୋଏଡା, ପୁନେ, ରାଏପୁର, ବିଜୟୱାଡା, ସୁରାଟ ଆଦି ୨୬ଟି ସ୍ୱୀକୃତି ପ୍ରାପ୍ତ ଆଉଟଲେଟ୍‌ରେ ଉପଲବ୍ଧ ହେଉଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray